୬ ଦେବଜିତ୍ ସାଇକିଆ ବିସିସିଆଇର ନୂଆ ସଚିବ ନିଯୁକ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୫ ● ୧୩ ଜାନୁଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -31 ● Issue-345 ● 13th January 2025, Monday ● Bhubaneswar | Licensed to post without pre-payment of postage No- BN-60/25-27

## ସ୍ୱାମୀ ବିବେକାନନ୍ଦ ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ

ଭୁବନେଶ୍ୱର, ୧୨।୧
ନ୍ୟୁଜ୍ ବ୍ୟୁରୋ

ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିସତ୍ତା ନୁହେଁ ବରଂ ଏକ ଚିରଞ୍ଜିବୀ ଚେତନା । ଏହି ନାମ ଏକ ଅତୁଳନୀୟ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ କହିଛନ୍ତି। ଭୁବନେଶ୍ୱର ରାମକୃଷ୍ଣ ମିଶନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ୟାସୀ ଭାବେ ଅମଳିନ ରହିଛି । ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ୟାସୀ ଯିଏ କି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ । ସେ ପୁଣି କହିଥିଲେ ଆଜି




ଆମେ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ଭାବେ ପାଳନ କରୁଛୁ । ଆମର ଯୁବ ସମାଜ ଯେତେ ଉନ୍ନତି କରୁ, ଯେତେ ସଫଳ ହେଉ ଜଣେ ଭାରତୀୟ ଭାବରେ ପ୍ରଥମେ ଗର୍ବ ଅନୁଭବ କରିବା ଏବଂ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ଦର୍ଶନ ତତ୍ତ୍ୱକୁ ଜାଣିବା ଓ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କର (ପୃଷ୍ଠା ୭ରେ)

## ଦୁନିଆରେ ଏପରି କୌଣସି ଶକ୍ତି ନାହିଁ, ଯିଏ ଭାରତର ବିକାଶକୁ ରୋକିପାରିବ

ନୂଆଦିଲ୍ଲୀ, ୧୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଭାରତ ମଣ୍ଡପମରେ ଆୟୋଜିତ ୟଙ୍ଗ ଲିଡର ଡାଏଲଗ୍-୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ସେ କହିଥିଲେ ଯେ, ଦେଶର ଯୁବକମାନଙ୍କ ସହିତ ତାଙ୍କର ଏକ ଉତ୍ତମ ବନ୍ଧୁତା ଭଳି ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ବିଶ୍ୱାସ ଏବଂ ଦୃଢ଼ତାର ସହ କହିଛନ୍ତି ଯେ, ଦେଶର ଯୁବଶକ୍ତି ଭାରତକୁ ଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ।

ଉକ୍ତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆପଣଙ୍କ ସହିତ କଥାବାର୍ତ୍ତା କରିବା ସମୟରେ, ମୁଁ ବିକଶିତ ଭାରତର ଏକ ଚିତ୍ର ମଧ୍ୟ ଦେଖୁଛି। ବିକଶିତ ଭାରତରେ ଆମେ କ'ଣ ଦେଖିବାକୁ ଚାହୁଁଛୁ? ଆମେ କି ପ୍ରକାରର ଭାରତ ଦେଖିବାକୁ



ଚାହୁଁଛୁ? କେଉଁଠାରେ ଭଲ ଆୟ ହେବ ଏବଂ ଭଲ ଭାବରେ ପଢ଼ିବା ପାଇଁ ଅଧିକରୁ ଅଧିକ ସୁଯୋଗ ମିଳିବ। କେବଳ କଥା କହି ଆମେ ବିକଶିତ ହୋଇଯିବୁ କି? ଯେତେବେଳେ ଆମର ପ୍ରତ୍ୟେକ ନିଷ୍ପତ୍ତିର ମାନଦଣ୍ଡ ସମାନ ହେବ, ବିକଶିତ ଭାରତ । ଯେତେବେଳେ ଆମର ପ୍ରତ୍ୟେକ ପଦକ୍ଷେପ ସମାନ ହେବ ବିକଶିତ ଭାରତ। ତେବେ ବିଶ୍ୱର କୌଣସି ଶକ୍ତି ଆମକୁ ବିକାଶ କରିବାରୁ ରୋକିପାରିବ ନାହିଁ।” (ପୃଷ୍ଠା ୭ରେ)

## ମାଲକାନଗିରି ସୀମାନ୍ତରେ ଏନକାଉଣ୍ଟର: ସୁରକ୍ଷା ବାହିନୀଙ୍କ ଗୁଳିରେ ୫ ନକ୍ସଲ ନିପାତ

ମାଲକାନାଗିରି, ୧୨।୧
ନ୍ୟୁଜ୍ ବ୍ୟୁରୋ

ଛତିଶଗଡ଼ରେ ନକ୍ସଲ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଗୁଳିବିନିମୟ ପୁଣି ଚାଲିଛି। ସୂଚନା ମୁତାବକ, ବିଜାପୁରର ମାଡେୟାର ପୁଲିସ ଷ୍ଟେସନ ଅନ୍ତର୍ଗତ ବାନ୍ଦେପାରା ଏବଂ କୋରାନଜେଡ ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ଚାଲିଥିବା ଗୁଳିବିନିମୟରେ ୫ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ବାନ୍ଦେପାରା-କୋରାନଜେଦ୍ ଜଙ୍ଗଲରେ ନକ୍ସଲମାନଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା



ସୂଚନା ମିଳିଥିଲା। ଏହାପରେ ଘଟଣାସ୍ଥଳକୁ ସୁରକ୍ଷା ବାହିନୀକୁ ପଠାଯାଇଥିଲା।

ଜଙ୍ଗଲରେ ସର୍ଚ୍ଚ ଅପେରେସନ ବେଳେ ରବିବାର ସକାଳେ ଜଙ୍ଗଲରେ ଯବାନମାନେ ପହଞ୍ଚିବା ମାତ୍ରେ ନକ୍ସଲମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଯବାନମାନେ ମଧ୍ୟ ଆଗକୁ ଯାଇ ନକ୍ସଲମାନଙ୍କ ଗୁଳିର ଜବାବ ଦେଇଥିଲେ। ଉଭୟ ପାର୍ଶ୍ୱରୁ ଗୁଳି ବିନିମୟରେ ୫ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। କୁହାଯାଉଛି ଯେ ଉଭୟ ପାର୍ଶ୍ୱରୁ ରହି ରହି ଗୁଳି ବିନିମୟ ହେଉଛି। ହତ୍ୟା କରାଯାଇଥିବା (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## କଟକ, ଭୁବନେଶ୍ୱର ଓ ପୁରୀକୁ ନେଇ ଟ୍ରାଇସିଟିର ପରିକଳ୍ପନା କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର, ୧୨।୧
ନ୍ୟୁଜ୍ ବ୍ୟୁରୋ

କଟକ,ଭୁବନେଶ୍ୱର ଓ ପୁରୀକୁ ନେଇ ଟ୍ରାଇସିଟିର ପରିକଳ୍ପନା କରୁଛନ୍ତି ରାଜ୍ୟ ସରକାର। ଏହି ତିନି ସ୍ଥାନର ଗମନାଗମନ ଓ ବିକାଶକୁ ଗୁରୁତ୍ୱ ଦେଇ ଏହି ଟ୍ରାଇସିଟିକୁ ଡେଭଲପ କରାଯିବ। ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ଏଥି ସହ ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭର ବ୍ରିଜ ଏବଂ ରିଂ ରୋଡ଼ ।

ନଗର ଉନ୍ନୟନ ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି। ବିଭିନ୍ନ ସ୍ଥାନରେ ରିଂ ରୋଡ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇ ପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ ଡାକି ଆଲୋଚନା କରିଛନ୍ତି। ତୁରନ୍ତ ପ୍ଲାନ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ (ପୃଷ୍ଠା ୭ରେ)

DSPL-316

national health authority



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ
ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକାରୀଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର

ନୂଆଦିଲ୍ଲୀ । ୧୩ ଜାନୁଆରୀ ୨୦୨୫

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR : 10001/13/0017/2425

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜାନୁଆରୀ ୨୦୨୫ ସୋମବାର









# ଘନ କୁହୁଡ଼ି ସାଙ୍ଗକୁ ରାସ୍ତାରେ ମାଟି ଗଦା:ବିପଦ ଆଶଙ୍କା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଶୀତରେ ଥରୁଛି ନନ୍ଦପୁର ତଥା ଆଖପାଖ ଅଞ୍ଚଳ । ସକାଳୁ ସକାଳୁ ହାଡ଼ ଭଙ୍ଗା ଶୀତକୁ ଘନ କୁହୁଡିରେ ଆଚ୍ଛାଦିତ ହୋଇ ରହୁଛି ସ୍ଥାନୀୟ ଅଞ୍ଚଳ । ଦିନ ୯ଟା ପର୍ଯ୍ୟନ୍ତ ମୁହଁକୁ ମୁହଁ ଦିଶୁନି । ହେଲେ ନନ୍ଦପୁର ବ୍ଲକ ଅଫିସ ନିକଟସ୍ଥ ପୋଡ଼ାଲ ପୁଟ ପୋଲ ନିକଟରେ ବହୁଦିନ ହେଲା ରାସ୍ତା କଡ଼ରେ ମାଟି ଗଦା ପଡ଼ି ରହିଥିବା ଦେଖିବାକୁ ମିଳିଛି । ମାଟି ଗଦା ରାସ୍ତା ଉପରକୁ ମାଡ଼ି ଆସିଛି ହେଲେ ବ୍ଲକ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଲେ ମଧ୍ୟ ନା ବ୍ଲକ ପ୍ରଶାସନ ନା ପୂର୍ତ୍ତ ବିଭାଗ କାହାରି ନିଘା ନାହିଁ । ଘନ କୁହୁଡି କାରଣରୁ ରାସ୍ତା ଉପରେ ପଡିଥିବା ମାଟି ଗଦା ଲାଗି କୌଣସି ଅଘଟଣ ବା ଦୁର୍ଘଟଣା ଘଟେ ତାହା ଲାଗି ଦାୟୀ କିଏ, ଚାଳକ ନା ପ୍ରଶାସନ? ବ୍ୟତିକ୍ରମ ଖାଲି ଗୋଟିଏ ଜାଗାରେ ନାହିଁ, ନନ୍ଦପୁର ସ୍ଥିତ ଲଙ୍ଗଳା ଭୈରବ ଛକ ନିକଟରେ ବି ଏମିତି ମାଟି ଗଦା ଦେଖିବାକୁ ମିଳେ । ମାଛ ବଜାର ନିକଟରେ ମେଟଲ ଗଦା ଏମିତି ଅନେକ । ନନ୍ଦପୁର ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ପ୍ରତ୍ୟହ ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । କିନ୍ତୁ ସ୍ଥାନୀୟ ପ୍ରଶାସନ ଏପରି ଅଭାବନୀୟବସ୍ଥା ସମ୍ମୁହକୁ ନୀରବଦ୍ରଷ୍ଟା ସାଜିଛନ୍ତି । ଏଥିପ୍ରତି ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେବା ଆଶ୍ୟକ।

# ୧୮ରେ କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା:୪୨ ଟିମ୍ ନିୟୋଜିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶନିବାର ରାଜ୍ୟ ସରକାର ପକ୍ଷୀ ଗଣନା ପାଇଁ ୧୮ ତାରିଖ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦୁଝର ବନଖଣ୍ଡର ସଦର ରେଞ୍ଜ, ଘଟଗାଁ, ବିଜେପି, ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧୀନ ୨୧ଟି ବନ୍ଧ, ପୋଖରୀ ଓ ଆର୍ଦ୍ରଭୂମି ଚିହ୍ନଟ କରାଯାଇଛି । ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି । ପୂର୍ବରୁ ୩ ଦିନ ପକ୍ଷୀ ଗଣନା ହେଉଥିବା ବେଳେ ଚଳିତବର୍ଷ ଗୋଟିଏ ଦିନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । କେନ୍ଦୁଝର ସଦର ରେଞ୍ଜ ଅଧୀନ ୯ଟି ସ୍ଥାନ ନଳପଙ୍ଗା ଡ୍ୟାମ୍, ଟିକରପଡା ଡ୍ୟାମ୍, ଚନ୍ଦିନୀ ପୋଖରୀ, କଡିପଶା ଡ୍ୟାମ୍, ଜଗଦଳା ଡ୍ୟାମ୍, ଧୂଳିଆବେଡା ଡ୍ୟାମ୍, କାନଝରୀ ଜଳଭଣ୍ଡାର, ବଡ଼ଶାସନ ପୋଖରୀ ଓ ସାପୁଆ ଡ୍ୟାମ୍ ପ୍ରଭୃତି ଅଞ୍ଚଳରେ ପକ୍ଷୀ ଗଣନା କରାଯିବ । ଘଟଗାଁ ରେଞ୍ଜ ଅଧୀନରେ ୩ଟି ସ୍ଥାନ କାଳିମାଟି ଜଳଭଣ୍ଡାର, ମାନପୁର ଡ୍ୟାମ୍, କାଣ୍ଡସାର ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ କର୍ମଚାରୀ ନିୟୋଜନ କରାଯାଇଛି । ପୂର୍ବରୁ କେନ୍ଦୁଝରକୁ ବିଦେଶୀ ପକ୍ଷୀ ଆଗମନ କରୁନଥିବା ବେଳେ ଚଳିତବର୍ଷ ଅତ୍ୟାଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ରଙ୍ଗବେରଙ୍ଗ ପକ୍ଷୀ ଆଗୁଆ ଆସି ପହଞ୍ଚିଛନ୍ତି । ଆଗରୁ ୧୦ ତାରିଖରେ ଗଣନା ହେଉଥିବା ବେଳେ ଚିଲିକା ବାର୍ଡ ଫେଷ୍ଟିଭାଲ୍ ଯୋଗୁ ୧୮ ତାରିଖ ଗଣନା ବିଜେପି ରେଞ୍ଜର ବଡ଼ଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ୫ଟି ସ୍ଥାନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ୍, ଖୁଣ୍ଟାପଡ଼ା ଡ୍ୟାମ୍, କାକୁଡିଆମ୍ବ ଡ୍ୟାମ୍ ଓ ସଲେଇକେନା ଡ୍ୟାମ୍‌ରେ ପକ୍ଷୀ ଗଣନା କରାଯିବ ଚମ୍ପୁଆ ରେଞ୍ଜ ଅଧୀନ ଯୋଡା ସେକ୍ସନ୍‌ର ଟାଟା ଷ୍ଟିଲ୍ ସିଲ୍‌ମେ ଡ୍ୟାମ୍‌ରେ ପକ୍ଷୀ ଗଣନା ହେବ । ପାଟଣା ବନାଞ୍ଚଳର ଖୂରେଇଟାଙ୍ଗରୀ ବଡ଼ବନ୍ଧରେ ମଧ୍ୟ ପକ୍ଷୀ ଗଣନା କରାଯାଉଛି । ୨୧ଟି ସ୍ଥାନ ପାଇଁ ୨ଟି କରି ଟିମ୍ ଗଠନ କରାଯାଇଛି । ଏଥିପାଇଁ ଗଣନାକାରୀଙ୍କୁ ସବିଶେଷ ତାଲିମ୍ ଦିଆଯାଇଛି । ପ୍ରତି ଦଳକୁ ବାଇନାକୁଲର୍, କ୍ୟାମେରା, ଜିପିଏସ୍ ସ୍କେଲ୍ ଓ ଡିଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଗଣନା ସମୟରେ ଯେପରି ବାଧା ସୃଷ୍ଟି ନହେବ ସେଥିପ୍ରତି ବନାଞ୍ଚଳ ଅଧିକାରୀମାନେ ଦାୟିତ୍ୱ ତୁଲାଇବେ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଏଥିନେଇ ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସଚେତନ କରାଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଛି । ପ୍ରଥମ ହେଲା ଯେଉଁଠି ସ୍ୱଚ୍ଛ ସଂଖ୍ୟକ ପକ୍ଷୀ ଥିବେ ସେଠାରେ ସିଧାସଳଖ ୧, ୨, ୩, ୪ ହିସାବରେ ଗଣନା କରାଯିବ । ଦ୍ୱିତୀୟ ପଦ୍ଧତି ହେଉଛି ଯେଉଁଠି ଅଧିକ ପକ୍ଷୀ ଥିବେ ଉକ୍ତ ଅଞ୍ଚଳକୁ ବାଇନାକୁଲର୍ ଦ୍ୱାରା ଗୋଟିଏ ଗୋଟିଏ ବ୍ଲକ୍‌ରେ ବିଭକ୍ତ କରଯାଇଥାଏ । ଗୋଟିଏ ବ୍ଲକ୍‌ରେ ଥିବା ପକ୍ଷୀଙ୍କ ସମଷ୍ଟୀକରଣ କରାଯାଇ ଯେତେଟି ବୃକ ହୋଇଥାଏ ତାହାକୁ ଗୁଣିତ କରି ପକ୍ଷୀ ସଂଖ୍ୟା ନିର୍ଦ୍ଧାରଣ ହୁଏ । ତୃତୀୟଟି ହେଲା ଗୋଟିଏ ସ୍ଥାନରେ ଅଗଣିତ ପକ୍ଷୀ ଯାହାକି ବାଇନାକୁଲାର୍ ପରିଧିକୁ ଆସେନାହିଁ ତାହାକୁ ଜିପିଏସ୍ ସ୍କେଲ୍ ଦ୍ୱାରା ମପାଯାଇ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ବିଶିଷ୍ଟ ସଂଗଠକଙ୍କ ବିୟୋଗରେ ଶୋକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦାର ବରିଷ୍ଠ ଓକିଲ ଲେଖକ, ସଂଗଠକ ତଥା ବଳାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନଙ୍କର ବିୟୋଗରେ ବଳାଙ୍ଗୀ ମହୋତ୍ସବ କମିଟି ତରଫରୁ ବାରିପଦା ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ଆଇନଜୀବୀ ଲିଙ୍ଗରାଜ ମିଶ୍ର, ସମ୍ପାଦକ ଦୀପକ କୁମାର ନାୟକ, ସଦସ୍ୟ ଆଇନଜୀବୀ ସାଇପଦ ରଂଜନ ମହାକୁଡ଼, ସଦସ୍ୟ ଆଇନଜୀବୀ ପ୍ରଦୀପ କୁମାର ପଲେଇ, ସହ କୋଷାଧ୍ୟକ୍ଷ ପିତାମ୍ବର ମଲ୍ଲିକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ଉଦୟ ନାଥ ଜେନା, ସଦସ୍ୟ ରାଜେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରି ସ୍ୱର୍ଗତଃ ପ୍ରଧାନ ଏକାଧାରାରେ ଜଣେ ବରିଷ୍ଠ ଆଇନଜୀବୀ ସହିତ ଜଣେ ଲେଖକ ଓ ସଂଗଠକକ ଭାବରେ ଜିଲ୍ଲା ଓକିଲ ସଂଘ, ବାରିପଦାର ଦୁଇ ଥର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ସେହିପରି ସେ ଦୀର୍ଘବର୍ଷ ଧରି ବଳାଙ୍ଗୀ ମହୋତ୍ସବ କମିଟିର ସଭାପତି ଏବଂ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କ ରଚିତ ମୟୁରଭଞ୍ଜ ଇତିବୃତ୍ତ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଶୀର୍ଷକ ଐତିହାସିକ ପୁସ୍ତକ ପାଇଁ ପାଠକ ମହଲରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ ।

## ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ରାଜେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜର ସମ୍ପାଦକ ଶମ୍ଭୁ ପ୍ରସାଦ ମିଶ୍ର ପୂର୍ବରୁ ଜିଲ୍ଲାରେ ହୋଇଥିବା ରାଜ୍ୟ କାର୍ଯ୍ୟକାରିଣୀ ସଭାରେ ମହିଳାମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ପାଇଁ ସମାଜ ପକ୍ଷରୁ କୃତଜ୍ଞତା ଜଣାଇଥିଲେ ଏବଂ ଆଗାମୀ ଦିନରେ ଶତାଧିକ ବ୍ରାହ୍ମଣ ମହିଳା ନିଜର ଶକ୍ତି ପ୍ରଦର୍ଶନ ପୂର୍ବକ ଜିଲ୍ଲାରେ ଏକ ପ୍ରଶିକ୍ଷଣ ବର୍ଗ ରାଜ୍ୟ ନିର୍ଦ୍ଦେଶରେ କରାଯିବାକୁ ସ୍ଥିର କରାଯାଇଥିବା କଥା ପ୍ରକାଶ କରିଥିଲେ । ଆବାହକ ଶଙ୍କର ପ୍ରସାଦ ମିଶ୍ର ଶକ୍ତି ବାହିନୀ କିପରି ସଶକ୍ତ ହୋଇପାରିବ ତାହା ଉପରେ ପରାମର୍ଶ ଦେଇଥିଲେ । କୋଷାଧ୍ୟକ୍ଷ ହରିପ୍ରସାଦ ମିଶ୍ର ସରଳ ଭାବରେ କିପରି ବ୍ୟାଙ୍କ ଖାତା ଖୋଲିବା ଓ ପାଣ୍ଠି ବଢାଇବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଶକ୍ତି ବାହିନୀ ସହ ପ୍ରମୁଖ ମିନାରାଣୀ ମିଶ୍ର ରାଜ୍ୟରେ ଜିଲ୍ଲା ଶକ୍ତି ବାହିନୀ ଆଗାମୀ ଦିନରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ତାହା ସମସ୍ତେ ଚେଷ୍ଟା କରାଯିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶକ୍ତି ବାହିନୀ ସଭାନେତ୍ରୀ ବନିତା ମହାପାତ୍ର ରାଜ୍ୟ କାର୍ଯକାରିଣୀରେ ସହଯୋଗ ପାଇଁ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ସମ୍ପାଦକ ସବିତା ମିଶ୍ର, କୋଷାଧ୍ୟକ୍ଷ ରିତା ମିଶ୍ର ଓ ଉପ ସଭାନେତ୍ରୀ ପ୍ରମୁଖ ସଂଗଠନକୁ ସୁଦୃଢ କରାଯିବ ବୋଲି ନିଜ ନିଜ ମତ ବ୍ୟକ୍ତ କରିଥିଲେ । ସମାଜର କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ପୁରୋହିତ ସମାଜକୁ ଆଗେଇ ନେବାରେ ମୁଁ ସବୁବେଳେ ପ୍ରସ୍ତୁତ ବୋଲି କହିଥିବା ବେଳେ ଅନ୍ୟତମ ସହଯୋଗୀ ତଥା ବରିଷ୍ଠ ସଦସ୍ୟ ଓ ଆଇନ୍‌ଜୀବୀ ଆଶୁତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।





## ‘ବେଦ’ ଆମ ସଂସ୍କୃତିର ମୂଳ ପିଣ୍ଡ:ବାବା ବଳିଆ





**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶ୍ରୀମଦ୍ ବାବା ବଳିଆ କହିଲେ ଯେ, ଆମ ସଂସ୍କୃତିର ମୂଳପିଣ୍ଡ ‘ବେଦ’। ଶ୍ରୀ ଜଗନ୍ନାଥ ଦାସ ଭାଗବତରେ କହିଲେ ‘ବେଦୁ ହୋଇଲା ନାନା ଗତି, ତା ତତ୍ତ୍ୱ କେହି ନଜାଣନ୍ତି’। ବେଦକୁ ଶୁଣି ଶୁଣି ମନେ ରଖାଯାଉଥିଲା। ଏଣୁ ଏହାକୁ ଶ୍ରୁତି ମଧ୍ୟ କୁହାଯାଏ। ବେଦ ଓ ଉପନିଷଦରେ ସାଧାରଣ ମଣିଷର ଦୈନନ୍ଦିନ ଜୀବନଶୈଳୀର କଥା କୁହାଯାଇଛି। ବାବା ଆହୁରି କହିଲେ ଯେ, ସମାଜରେ ଆଜି ଆତ୍ମହତ୍ୟାର ହାର ବଢି ବଢି ଚାଲିଛି। ତା ମୂଳରେ ଆମେ ନିଜକୁ ନିଜେ ବୁଝିପାରୁନେ ବୋଲି ଆଜି ସମାଜର ଏ ଅବସ୍ଥା। ଈଶା ବାସ୍ୟ ଉପନିଷଦ, ସମସ୍ତ ଉପନିଷଦମାନଙ୍କ ମଧ୍ୟରେ ସବୁଠାରୁ କ୍ଷୁଦ୍ର। ଏଣୁ ଏହାକୁ ଘରେ ଘରେ ପାଠ ହେବା ଉଚିତ୍। କେଉଁ ପରିସ୍ଥିତିରେ ଯୋଗେଶ୍ୱର ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ ଗୀତା, ଉପଦେଶ ଦେଇଥିଲେ, ତାର ମଧ୍ୟ ତର୍ଜମା କଲେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ବୁଝାପଡ଼ିବ। ସବୁ ଧର୍ମରେ ଇଷ୍ଟପୂଜା ଅଛି, ପ୍ରାର୍ଥନା ମଧ୍ୟ ଅଛି। ଭାରତ ବର୍ଷର ଋଷି ପାଞ୍ଚ ହଜାର ବର୍ଷ ତଳେ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥିଲେ। ଆଜି ଆମେ ଏଭଳି ଏକ ସମାଜରେ ଗତି କରୁଛୁ, ପ୍ରାର୍ଥନା ହିଁ କେବଳ ଆମର ସହାୟକ ହୋଇପାରିବ। ପରମାତ୍ମାଙ୍କ ନିକଟରେ ସମର୍ପିତ ହେବା ପାଇଁ ବାବା ବଳିଆ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଦିବସ ଗୀତା କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ସଂଯୋଜକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସକାଳ ବେଳା ପରିବେଶ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରିଥିଲେ। ବାବା ପ୍ରଣବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ବାବା ରାଧେଶ୍ୟାମ ଦାସ, ବାବା ଶ୍ରୀବତ୍ସ ଦାସ, ବାବା ପରମାତ୍ମା ଦାସ, ବାବା ତ୍ରୈଲୋକ୍ୟନାଥ ଦାସ, ଡଃ ପ୍ରଜ୍ଞାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





## ଯାଜପୁରରେ ଅଭିଯୋଗ ଶୁଣାଣି:୨୧ରେ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୨୧୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୯୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା, ଉପଜିଲ୍ଲାପାଳ ଅଂଶୁମାନ ଶତପଥି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ କୈଳାସ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର, ତହସିଲଦାର, ଯାଜପୁର ଅରବିନ୍ଦ ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ପୂର୍ବତନ ବିଧାୟକ ଦୈତାରୀ ବେହେରାଙ୍କ ସ୍ମୃତିଚାରଣ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସୁବଳୟା ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ବିଧାୟକ ଛତ୍ରପୁର ଅଶୋକ ଚୌଧୁରୀଙ୍କ ସଭାପତିତ୍ୱରେ ଦିବଙ୍ଗତ ସ୍ୱର୍ଗତ ଦୈତାରୀ ବେହେରା ପୂର୍ବତନ ବିଧାୟକ ଛତ୍ରପୁରଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଚାରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ସ୍ୱର୍ଗତ ବେହେରାଙ୍କ ତୈଳ ଫଟୋ ଚିତ୍ରରେ ମଞ୍ଚାସିନ ବ୍ୟକ୍ତିମାନେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସୂଚୀ ପ୍ରକାରେ ପରିଚାଳିତ ହେବା ସହ ଅବସର ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟକୁମାର ବିଶ୍ୱାଳ ଅତିଥି ପରିଚୟ ଦେବା ସହ ସଭା ପରିଚାଳନା କରିଥିଲେ। ପୂଜ୍ୟ ପୂଜା ସ୍ମୃତି ପରିଷଦ ସୁବଳୟା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ (ମୁଖ୍ୟ ଅତିଥି), ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ (ମୁଖ୍ୟ ବକ୍ତା), ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ରମ୍ଭା ଏନ୍‌ଏସି ସୁବାସ ଚନ୍ଦ୍ର ପଣ୍ଡା, ଗୋକୁଳ ଚନ୍ଦ୍ର ନାହାକ (ପୂଜ୍ୟପୂଜା ସ୍ମୃତି ପରିଷଦର ସଭାପତି), ମହେଶ୍ୱର ବରାଡ଼ (ପୂଜ୍ୟପୂଜା ସମ୍ପାଦକ), ରାମଚନ୍ଦ୍ର ବେହେରା (ପୂର୍ବତନ ଉପ-ନଗର ପାଳ ଛତ୍ରପୁର), ଶର୍ମିଷ୍ଠା ପ୍ରଧାନ (ଗଞ୍ଜାମ ବ୍ଲକ ଅଧକ୍ଷା), ସୁଧୀର କୁମାର ସାବତ (ଆଇଏସ୍‌ଆର୍‌ଡି ନିର୍ଦ୍ଦେଶକ), ଶଙ୍କର ନାରାୟଣ ବେଜ୍, ଡ଼ଃ ସି ଏଚ୍ ସୁଧାକର (ଅଧ୍ୟକ୍ଷ), ବଂଶୀଧର ଗୌଡ଼ (ବର୍ଷୀୟାନ ସିପିଆଇ ନେତା), ରାଜେନ୍ଦ୍ର କୁମାର ଜେନା, ପ୍ରଶାନ୍ତ କୁମାର ବେହେରା (ପ୍ରଧାନ ଶିକ୍ଷକ ସୁବଳୟା), ସୁବାସ ଚନ୍ଦ୍ର ସାହୁ (ବିଜେପି ଗଞ୍ଜାମ ଜିଲ୍ଲା ସଭାପତି) ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀ, ଦର୍ଶକ, ଗ୍ରାମବାସୀ ମାନଙ୍କ ଅଭିଭାଷଣ ମାଧ୍ୟମରେ ବିକାଶ ପୁରୁଷ ଦୈତାରୀ ବାବୁ ଥିଲେ। ସାମାଜିକ, ସାଂସ୍କୃତିକ, ସମାଜସେବା, ଚିନ୍ତାଧାରା, ଆଦର୍ଶ ଉପରେ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ଆଚରଣ ଉଚ୍ଚାରଣ ପ୍ରକାଶ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନେତା, ସର୍ବ ଦଳୀୟ ନେତା ସହିତ ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା (ସ୍ୱେଚ୍ଛାସେବୀ), ଯଜାତି କେଶରୀ ନାୟକ, କେଦାର ନାଥ ସ୍ୱାଇଁ, ଗଣେଶ ଚନ୍ଦ୍ର ବେହେରା, ଦେବାଶିଷ ପ୍ରମୁଖ ମୁଖ୍ୟାଂଶରେ ରହିଥିବା ବେଳେ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟତ୍ରୀ, କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍ୱର୍ଗତ ଦୈତାରି ବେହେରା ପ୍ରତିଭା ସମ୍ମାନରେ ଡ଼ଃ ବ୍ରଜ କିଶୋର ବ୍ରହ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସିନ୍ଧେକେଲାକୁ ବ୍ଲକ ମାନ୍ୟତା ଦାବି ଜୋର୍ ଧରିଲା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ବସ୍‌ଷ୍ଟାଣ୍ଡ ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସିନ୍ଧେକେଲା ବଣିକ ସଂଘ ସଭାପତି ସୁବାଷ ଜୈନ ଓ ସମାଜସେବୀ ଅନିଲ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ସିନ୍ଧେକେଲାକୁ ବ୍ଲକ ମାନ୍ୟତା ଦାବି ନେଇ ଏକ ସର୍ବ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନରେ ସିନ୍ଧେକେଲା ଅଞ୍ଚଳର ସମସ୍ତ ଜନପ୍ରତିନିଧି, ବିଭିନ୍ନ ସଂଗଠନ, ଅନୁଷ୍ଠାନ ମାନଙ୍କୁ ନେଇ ବୈଠକ ହୋଇ ଆଲୋଚନା ପରେ ସିନ୍ଧେକେଲା ଅଞ୍ଚଳ ବିକାଶ ମଞ୍ଚ ଗଠନ କରିବା ପାଇଁ ନିଷ୍ପତ୍ତି ହେଇଥିଲା ଏବଂ ଆଗାମୀ ଦିନରେ ବିକାଶ ମଞ୍ଚ ତରଫରୁ ହିଁ ବ୍ଲକ ଦାବିକୁ ଆହୁରି ଶାଣିତ କରିବା ପାଇଁ ନିଷ୍ପତ୍ତି ହେଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିନ୍ଧେକେଲା ସରପଞ୍ଚ ନରେଶ ଅଗ୍ରୱାଲ, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ନରେଶ ବର୍ମା, ଉମାଶଙ୍କର ତ୍ରିପାଠୀ, ବାବୁଲାଲ ସାହୁ, ଫକିର ଚନ୍ଦ୍ର ତ୍ରିପାଠୀ, ହେମନ୍ତ ସାହୁ, ଦୀନେଶ ଜୈନ, ପ୍ରଶ୍ନ ଜୈନ, କୈଳାସ ଜୈନ, ନରେଶ ରଣା, ପପୁ ସାହୁ, ଦେବେନ୍ଦ୍ର ଖମାରୀ, ସୁଶାନ୍ତ ଥନାପତୀ, ବିନୋଦ ସରାଫ, ମୁନା ସାହୁ, ବଳରାମ ସାହୁ, ଆର୍ତ୍ତତ୍ରାଣ ସାହୁ, ମୁକେଶ ସାହୁ, ଦୁର୍ଗା ସିଂ ଦେଓ, ପର୍ମା ସାହୁ, ଅନିଲ ଜୈନଙ୍କ ସମେତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଗରିବ ସେନା ସଭାପତି ଦିନେଶ ତାଣ୍ଡି, ସିନ୍ଧେକେଲା ମୋଟର ଚାଳକ ସଂଘରୁ ରଞ୍ଜନ ଷଡ଼ଙ୍ଗୀ, ତ୍ରିନାଥ ସାହୁ, ବାବୁଲି ପୃଷ୍ଟି, ବ୍ରାହ୍ମଣ ଯୁବକ ସଂଘରୁ ପ୍ରଦୀପ ଷଡ଼ଙ୍ଗୀ, ତରୁଣ ରଥ, ବିପିନ ପଣ୍ଡା, ସାହୁ ସମାଜ ସଭାପତି ଓମ୍ ପ୍ରକାଶ ସାହୁ, ସାହୁ ଯୁବ ସଂଗଠନର ସମ୍ପାଦକ ସୁରଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ ତଥା ଦାବି ପାଇଁ ସର୍ବସମ୍ମତିକ୍ରମେ ସବୁବେଳେ ସ୍ୱର ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ହେଇଥିଲା ।



## ଉଦ୍‌ଘାଟିତ ହେଲା ବୌଦ୍ଧ ମହୋତ୍ସବ ପଲ୍ଲିଶ୍ରୀ ମେଳା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ପରେଡ଼ ପଡିଆ ଠାରେ ସନ୍ଧ୍ୟାରେ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀମେଳା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ଓଡ଼ିଶା ସରକାର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକରୁ ସାଂସ୍କୃତିକ ଦଳ ସହ ମଶାଲ ଆସି ବୌଦ୍ଧ ବୁଦ୍ଧ ମନ୍ଦିର ଠାରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରୁ ଏକ ବିରାଟ ମଶାଲ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପରେଡ ପଡିଆ ଠାରେ ଡ. ସାଧୁ ମେହେର ମଞ୍ଚ ଠାରେ ସ୍ଥାପନା କରାଯାଇଥିଲା । ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ରଥ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ଜିଲ୍ଲା ସାଂସ୍କୃତିକ ପତାକା ଉତ୍ତୋଳନ କରାଯାଇଥିଲା ।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ‘ବିକଶିତ ଭାରତ-୨୦୪୭’ ପ୍ରସଙ୍ଗରେ ଅନ୍ତର୍ଜାତୀୟ ସେମିନାର





**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଦୁଇଦିନିଆ ଆନ୍ତର୍ଜାତିକ ସେମିନାର ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିଥିଲେ । ଏହି ସେମିନାରର ମୂଳପ୍ରସଙ୍ଗ, ଆଧୁନିକୀକରଣ, ସାମାଜିକ ପରିବର୍ତ୍ତନ ଏବଂ ବିକାଶ: ବିକାଶ ଭାରତ –୨୦୪୭ ପାଇଁ ଏକ ମାର୍ଗ ରହିଥିଲା । ସେମିନାରରେ ମୁଖ୍ୟବକ୍ତା ଭାବେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଆନନ୍ଦ କୁମାର (ସିଏସ୍ଏସ୍ଏସ୍), ଯୋଗଦେଇ ସାମ୍ପ୍ରତିକ ସମୟରେ ପରିଲକ୍ଷିତ ବିଭିନ୍ନ ସାମାଜିକ ପରିବର୍ତ୍ତନ ସହ ଜଡ଼ିତ ଆଧୁନିକୀକରଣର ପର୍ଯ୍ୟାଲୋଚନା କରିଥିଲେ । ଉନ୍ନତିକରଣର ଲକ୍ଷ୍ୟ ନେଇ ପରିବର୍ତ୍ତିତ ସମାଜରେ ଦେଖାଯାଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ ଓ ‘ବିକଶିତ ଭାରତ-୨୦୪୭’ର ସମ୍ଭାବ୍ୟ ରୂପରେଖର ଉପସ୍ଥାପନ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ, ୟୁଏସ୍‌ଏ- ସାନ୍ତାକ୍ରୁଜ୍ ସ୍ଥିତ ୟୁନିଭର୍‌ସିଟି ଅଫ୍ କାଲିଫର୍ଣ୍ଣିଆର ପ୍ରଫେସର ତ୍ରିଲୋକିନାଥ ପାଣ୍ଡେ ଯୋଗଦେଇ ଭାରତର ପରିବର୍ତ୍ତନଶୀଳ ସାମାଜିକ ସ୍ଥିତି ଓ ଆଧୁନିକୀକରଣର ପ୍ରଭାବ ସମ୍ବନ୍ଧିତ ବିଭିନ୍ନ ଦିଗଗୁଡିକୁ ଆଲୋକପାତ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦାଶ ନିଜର ଉଦ୍‌ବୋଧନରେ ସମାଜବିଜ୍ଞାନ ଅଧ୍ୟୟନର ମହତ୍ତ୍ୱ ଓ ସାମାଜିକ ବିକାଶରେ ଅଂଶୀଦାର ବର୍ତ୍ତମାନର ଆଧୁନିକୀକରଣ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ଆୟୋଜକ ବିଭାଗକୁ ଅଭିନନ୍ଦନ ଜଣାଇବା ସହ ଅତିଥିମାନଙ୍କ ଉଚ୍ଚକୋଟୀର ଅଭିଭାଷଣରୁ ଛାତ୍ରଛାତ୍ରୀମାନେ ଉପକୃତ ହେବା ନେଇ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଡ଼କ୍ଟର ପବିତ୍ର ମୋହନ ନାୟକ ପ୍ରାରମ୍ଭିକ ଭାଷଣରେ ଅତିଥି ପରିଚୟ ପ୍ରଦାନ ସହ ଆୟୋଜିତ ସେମିନାର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ପରିଚାଳିତ କରିଥିଲେ ଓ ଡ଼କ୍ଟର ସିପ୍ରା ସାଗରିକା ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନୀ ବୈଠକ ପରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଧୁନିକୀକରଣ, ବିକାଶ ଏବଂ ଏହାର ଆହ୍ୱାନ ବିଷୟକୁ ନେଇ ଆଲୋଚନା କରାଯାଇଥିଲା ଓ ଅଂଶଗ୍ରହଣ କରିଥିବା ସମସ୍ତ ଅତିଥିଗଣ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଏହି ସେମିନାର୍‌ରେ ଓଡ଼ିଶା, ଭାରତ ଓ ଅନ୍ୟାନ୍ୟ ଦେଶର ସାମାଜିକ ବିଜ୍ଞାନ ବିଶେଷଜ୍ଞ, ଶିକ୍ଷାବିତ ଓ ଗବେଷକଗଣ ଯୋଗଦେଇଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ପରଲୋକ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ରଂଜନ କୁମାର ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ହୋଇଯାଇଛି । କର୍ମଚାରୀମାନଙ୍କ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳୀ ଅର୍ପଣ ନିମନ୍ତେ ତାଙ୍କ ମର ଶରୀରକୁ କିଛି ସମୟ ପାଇଁ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ସମେତ ଷ୍ଟାଫ କମିଟିର ସଭାପତି ସୁବ୍ରତ ମିଶ୍ର, ସମ୍ପାଦକ, ଗୁରୁ ଗୋବିନ୍ଦ ଦଳାଇ ଓ କମିଟିର କର୍ମକର୍ତ୍ତା ତଥା ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ହୋଇ ଦିବଂଗତ ରଂଜନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରଞ୍ଜନ ବେହେରା ହେଉଛନ୍ତି ଅଲିଶାବଜାର ସ୍ଥିତ କେଉଟସାହି ଅଞ୍ଚଳର ସ୍ୱର୍ଗତ ବିଶ୍ୱନାଥ ବେହେରାଙ୍କ ପୁତ୍ର, ସେ ୧୯୮୩ ମସିହା ମେ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ହୋଇଥଲା । କିଛିଦିନ ହେବ ଅସୁସ୍ଥତା କାରଣରୁ ସେ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ । ମିଷ୍ଟଭାଷୀ ଓ ମେଳାପି ଆଚରଣ ପାଇଁ କାର୍ଯ୍ୟାଳୟର ସମସ୍ତଙ୍କ ଠାରେ ସେ ବେଶ୍ ପରିଚିତ ଥିଲେ । ୨୦୧୫ ମସିହା ଠାରୁ ସରକାରୀ ଚାକିରୀରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସେ କାର୍ଯ୍ୟ କରିଆସୁଥିଲେ ।

# କେନ୍ଦ୍ରାପଡ଼ାରେ ଅଭିଯୋଗ ଶୁଣାଣି:ଲକ୍ଷାଧିକ ଟଙ୍କା ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ମହକୁମାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶନୀ, ଶୁଣାଣିରେ ସହାୟତା କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୪୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୧୨ ଗୋଟି ସାମୁହିକ ଏବଂ ୧୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୯୪,୦୦୦/- ଟଙ୍କା ୧୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ଼କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ଓ ସାଇକେଲ୍ କ୍ରୟ ବାବଦରେ ଜଣଙ୍କୁ ଟ. ୫,୦୦୦/- ଲେଖାଏଁ ମୋଟ ୧୫,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ତଦନ୍ତ କରି ଜନସଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ଜାନୁଆରୀ ୨୦୨୫ ସୋମବାର





# ଶ୍ରୀ ବଳଦେବଜୀଉ ମନ୍ଦିରର ଚତୁଃପାର୍ଶ୍ୱ ନିରୀକ୍ଷଣ କଲେ ଜିଲ୍ଲାପାଳ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**
କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରର ଚତୁପାର୍ଶ୍ୱ ସଂପ୍ରସାରଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ । ଦୀର୍ଘ ୩ ବର୍ଷ ହେଲା ମନ୍ଦିର ଚତୁପାର୍ଶ୍ୱର ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଥିବା ବେଳେ ମନ୍ତ୍ରୀଙ୍କ ତାଗିଦା ପରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ଜଣାପଡିଛି । ଚଳିତ ମାସ ୪ ତାରିଖରେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଭୁବନେଶ୍ୱର ଠାରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରନ ପ୍ରଧାନ, ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଦେବୋତର କମିଶନର ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ପୂର୍ବର ସ୍ଥଗିତ ପ୍ରକଳ୍ପ ସହ ଆଉ ଅଧିକ ଜାଗା ଅଧିଗ୍ରହଣ କରାଯାଇ ପରିସର କୁ ବ୍ୟାପକ ସଂପ୍ରସାରଣ କରାଯିବା ନିଷ୍ପତ୍ତି ନିଆଯାଇଛି। ଡ୍ରୋନ ସର୍ଭେ ମାଧ୍ୟମରେ ସଂପ୍ରସାରିତ ଅଞ୍ଚଳକୁ ନିର୍ଦ୍ଦିଷ୍ଟ କରାଯାଇ ଥିବାବେଳେ ନୂତନ ଶୈଳୀରେ ଆର୍କିଟେକ୍ଟମାନଙ୍କ ସହାୟତାରେ ମନ୍ଦିର ପରିସରରେ ନୂଆ ୨ଟି ଆନନ୍ଦ ବଜାର ମଣ୍ଡପ ନିର୍ମାଣ, ମନ୍ଦିର ପଛପଟ ପ୍ରାଚୀର ର ଉଚ୍ଚତା ବଢାଇବା ଆଦି ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଅଧକ୍ଷତାରେ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ମନ୍ଦିର ପରିସର ଉନ୍ନତିକରଣର ସଂପୂର୍ଣ୍ଣ ନକ୍ସା ପ୍ରସ୍ତୁତ କରାଯାଇଛି । ତେବେ ଏନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନ, ଉପ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ଦେବୋତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ସମେତ ଅମିନ ଆରଆଇମାନଙ୍କ ସହ ଅଧିଗ୍ରହଣ ହେବାକୁ ଥିବା ଅଞ୍ଚଳ ପରିଦର୍ଶନ କରାଯାଇଛି । ତେବେ ପୂର୍ବରୁ ୪୫ଜଣଙ୍କ ଜାଗା ଅଧିଗ୍ରହଣ ପାଇଁ ସ୍ଥିର ହୋଇଥିବା ବେଳେ ଏହି ସର୍ବେକ୍ଷଣରେ ଦୋଳ ବେଦୀ ଠାରୁ ବାମ ପଟରେ ମଠ ଆଗକୁ ଇଲେକ୍ଟ୍ରି ଅଫିସ ଓ ଯାତ୍ରୀ ନିବାସ ପଛ ପଡିଆ ପର୍ଯ୍ୟନ୍ତ ସମସ୍ତ ଜାଗା ଅଧିଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ବୈକୁଣ୍ଠଧାମ ଆଶ୍ରମକୁ ହାଇକୋର୍ଟ ଝଟ୍‌କା : ଚାଲିବ ବୁଲ୍‌ଡୋଜର

**କଟକ, ନ୍ୟୁଜ ବ୍ୟୁରୋ**
ବୈକୁଣ୍ଠଧାମ ଆଶ୍ରମ ପାଇଁ ବଢ଼ିଲା ଅଡୁଆ। ଆଶ୍ରମ ଉପରେ ବୁଲଡୋଜର ବୁଲିବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । କେଉଁ ବି ସମୟରେ ଭଙ୍ଗାଯାଇପାରେ ବୈକୁଣ୍ଠଧାମ ଆଶ୍ରମ । ଆଶ୍ରମକୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଆଦେଶକୁ ଉଠାଇ ଦେଇଛନ୍ତି ହାଇକୋର୍ଟ । ବିଡିଏ ଏବେ ଯେକୌଣସି ସମୟରେ ବିବାଦୀୟ ଆଶ୍ରମକୁ ଭାଙ୍ଗି ଦେଇପାରେ । ଭୁବନେଶ୍ୱର ଘାଟିକିଆ ମୌଜା ଅନ୍ତର୍ଗତ ଖଣ୍ଡଗିରିବାରିସ୍ଥିତ ଥିବା ଆଶ୍ରମକୁ ନେଇ ରୁଜୁ ମାମଲାରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଆଦେଶକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ପୂର୍ବରୁ ୨୦୨୪, ଡିସେମ୍ବର ୨୦ରେ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଏହି ଜମିକୁ ଟ୍ରଷ୍ଟ ନାଁରେ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୁପାରିଶ କରିଥିବା ଦର୍ଶାଇ ଆବେଦନକାରୀ ଦାଖଲ କରିଥିବା ଚିଠି ଜାଲ ଥିଲା । ତେବେ ଏ ନେଇ ସତ୍ୟପାଠ ଦାଖଲ କରିବାକୁ ଗତ ଡିସେମ୍ବର ୨୦ରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜାନୁଆରୀ ୨ରେ ସରକାରଙ୍କ ତରଫରୁ ଏହି ମର୍ମରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏପରି କୌଣସି ଚିଠି ଜାରି କରାଯାଇ ନଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। ଏହି ସତ୍ୟପାଠର କପି ଆବେଦନକାରୀ ଓ ବିଏମସିକୁ ପ୍ରଦାନ କରିବାକୁ




ହାଇକୋର୍ଟ ଜାନୁଆରୀ ୩ରେ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଆବେଦନର ଶୁଣାଣି ସମୟରେ ସତ୍ୟପାଠରେ ଉଲ୍ଲେଖ କରାଯାଇଥିବା ତଥ୍ୟ ସଂକ୍ରାନ୍ତରେ ସରକାରଙ୍କ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ଆଦେଶ ଉଠାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ସରକାରଙ୍କ ସତ୍ୟପାଠ ଉପରେ ପ୍ରତିଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫେବ୍ରୁୟାରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଉଚ୍ଛେଦ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଦାୟର କରିଥିବା ଆବେଦନର ନଭେମ୍ବର ୨୧ରେ ହାଇକୋର୍ଟ ଶୁଣାଣି କରି ଜବାବ ତଲବ କରିଥିଲେ। ଏଥି ସହିତ ଆବେଦନକାରୀ ଟ୍ରଷ୍ଟ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ ଟ୍ରଷ୍ଟ ଯୋଗ ଶିକ୍ଷା ପାଇଁ କାର୍ଯ୍ୟ କରୁଥିବା ବେଳେ ଏହି ଜମିକୁ ଟ୍ରଷ୍ଟ ନାମରେ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଏ ବିଭାଗକୁ ସୁପାରିସ କରାଯାଇଥିଲା। ହାଇକୋର୍ଟ ଏହି ଚିଠି ଆଧାରରେ ଆଶ୍ରମ ଭଙ୍ଗାଯିବା ଉପରେ ରୋକ୍ ଲଗାଇଥିଲେ । ଗତ ବର୍ଷ ନଭେମ୍ବରରେ ରାଜଧାନୀରେ ବିବାଦ ଘେରକୁ ଆସିଥିଲା ବୈକୁଣ୍ଠଧାମ ଆଶ୍ରମ । ଯେଉଁଠି ପୂଜା ପାଉଥିବା ବାବାଙ୍କୁ ନେଇ ଘୋର ବିରୋଧ ଦେଖିବାକୁ ମିଳିଥିଲା । ମନୁଷ୍ୟ ପାଦ ତଳେ ତୁଳସୀ ପତ୍ର ରଖି ପୂଜା ହେଉଥିବା ଅଭିଯୋଗ ହୋଇଥିଲା। ସରକାରୀ ଜମି ଉପରେ ଆଶ୍ରମ ଗଢି ଉଠିଥିବା ନେଇ ଅଭିଯୋଗ ପରେ ଭରତପୁର ଥାନାର ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ଏପରିକି ତୁଳସି ଗୋଡ ରଖି ପୂଜା ପାଉଥିବା କୁନି ବାବାଙ୍କ ସମ୍ପର୍କରେ ପଚରାଉଚରା କରାଯାଇଥିଲା । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଆଶ୍ରମର ଦୁର୍ନୀତି ପଦାରେ ପଡିଥିଲା । ପୂର୍ବରୁ ବାଲିପାଟଣା ଥାନା ତ୍ରାହି ଅଚ୍ୟୁତ ଆଶ୍ରମ ଏପରି ବିବାଦ ଘେରକୁ ଆସିଥିଲା। ସେତେବେଳେ ଆଶ୍ରମର ମୁଖ୍ୟ ସ୍ୱର୍ଗତ ସୁରବାବା ମଧ୍ୟ ଚର୍ଚ୍ଚାକୁ ଆସିଥିଲେ । ପରେ ଏହି କେସ ହସ୍ତକ୍ଷେପ ପରେ ଘଟଣାର ତନାଘନା ଆରମ୍ଭ ହୋଇଥିଲା । ଏନେଇ କମିସନରେଟ ପୋଲିସ ପକ୍ଷରୁ ଏନେଇ ସେହି ଅଞ୍ଚଳରେ ଘୋର ବିରୋଧ ଓ ଲୋକଙ୍କ ଆକ୍ରୋଶ ପାଇଁ ଆଇନଶୃଙ୍ଖଳା ଭଳି ପରିସ୍ଥିତି ଉପୁଜିଥିଲା । ଏବେ ପୁଣି ଏଭଳି ଏକ ଘଟଣା କମିସନରେଟ ପୋଲିସ ପାଇଁ ଚିନ୍ତା ଜନକ ହୋଇଛି । ସେହିପରି ୨୦୧୫ମସିହା ଅଗଷ୍ଟ ୮ତାରିଖରେ ବାବା ସାରଥୀ ଓରଫ ସନ୍ତୋଷ ରାଉଳଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଜନୈକା ଡାକ୍ତରୀ ଛାତ୍ରୀଙ୍କୁ ପତ୍ନୀର ପରିଚୟ ଦେଇ ହାଇଦ୍ରାବାଦର ଗୋଲକୁଣ୍ଡା ସ୍ଥିତ ବଞ୍ଜାରା ହିଲସ୍? ହୋଟେଲରେ ନେଇ ରହିବା ଖବର ପ୍ରଚାରିତ ହେବା ପରେ ଅଗଷ୍ଟ ୫ରୁ ସାରଥୀଙ୍କୁ ବିଭିନ୍ନ ମହଲରେ ବିରୋଧ ଆରମ୍ଭ ହୋଇଥିଲା । ରାଜ୍ୟ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କ୍ରାଇମବ୍ରାଞ୍ଚ ସାରଥୀଙ୍କୁ ତାଙ୍କ ଆଶ୍ରମରୁ ଗିରଫ କରିଥିଲା । ଅନ୍ୟପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ସାରଥୀଙ୍କ ୨୫ ଗୋଟି ସ୍ଥାବର ଅସ୍ଥାବର ସମ୍ପତ୍ତି ଉପରେ କଟକଣା ଲଗାଇଥିଲା । ଜମି ଜବରଦଖଲ ଅଭିଯୋଗରେ ସୁର ବାବାଙ୍କ ତ୍ରାହି ଅଚ୍ୟୁତ ଆଶ୍ରମର କିଛି ଅଂଶ ଭଙ୍ଗାଯାଇଥିଲା । ସେହିପରି ୨୦୧୫ରେ କୋଣାର୍କର ବାନା ବାବା ଗୋଧନପଡ଼ା ଗାଁ ଲୋକଙ୍କ ସ୍ଥିତିବାନ ଜମି, ସରକାରୀ ଅନାବାଦି, ଗୋଚର, ଶ୍ମଶାନ ଜମି ଓ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜମିକୁ ଜବରଦଖଲ କରି ଏଠାରେ ଏକ ଅଟ୍ଟାଳିକା ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ବନ ବିଭାଗର ପ୍ରାୟ ୧୫ ଏକର ଜମି ଜବରଦଖଲ ହୋଇଥିଲା । ଏହା ଜଣାପଡିବା ପରେ ତଦନ୍ତ ହୋଇ ଆଶ୍ରମ ଭଙ୍ଗାଯାଇଥିଲା ।

## ରାୟଗଡା ଜିଲ୍ଲା ସ୍ତରୀୟ କୃଷିମେଳା ଉଦ୍‌ଯାପିତ

**ରାୟଗଡା, ନ୍ୟୁଜ ବ୍ୟୁରୋ**
ଚାଷୀମାନଙ୍କୁ ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ବିଭିନ୍ନ ବିଭାଗ ସହଯୋଗ ରହି କାର୍ଯ୍ୟ କଲେ ସରକାରଙ୍କ ଉଦେଶ୍ୟ ସାଧିତ ହେବ। ମୃତ୍ତିକା ସଂକ୍ଷଣ ନିର୍ଦ୍ଦେଶକ ରାୟଗଡରେ ଦୀର୍ଘ ୫ଦିନ ବ୍ୟାପି ଜିଲ୍ଲାସ୍ତରୀୟ କୃଷି ମୋହତ୍ସବ ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଜି.ଆଇ. ଏସ.ସି.ଆର ପଡିଆ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଉତ୍ସବ ଓ କୃଷୀ ଯନ୍ତ୍ରପାତି ମେଳାର ଅନ୍ତିମ ଦିନରେ ମୁଖ୍ୟ ଅତିଥି ଭାବରେ ଡା. ଦେବରାଜ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦାନ କରି ନିଜର ବକ୍ତବ୍ୟରେ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଓ ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହା ସହ ସେ କୃଷି ସହିତ ମିଶ୍ରିତ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀମାନଙ୍କୁ ବୁଝାଇଥିଲେ । ସ୍ୱଳ୍ପ ମିଆଦୀ ଚାଷ ବିଶେଷ କରି ପନିପରିବା, ଫଳ ଚାଷ, କୁକୁଡ଼ା, ଛେଳି, ମାଛ ଓ ଅନ୍ୟାନ୍ୟ ଅର୍ଥକାରୀ ଚାଷ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ରାୟଗଡ ଦୟାନିଧି ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅଧକ୍ଷ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କଲ୍ୟାଣସିଂପୁର ବନମାଳୀ କାଡ୍ରାକା, କୃଷି ଜିଲ୍ଲା ଅଧିକାରୀ, ରାୟଗଡ, ଏସ. କେ. ଏହେସାନ, କୃଷି ନିର୍ବାହୀ ଯନ୍ତ୍ରୀ ସରୋଜିନୀ ବାଗ ଆଦି ଯୋଗଦାନ କରି ଚାଷୀମାନଙ୍କୁ କୃଷି ମେଳାର ଆବଶ୍ୟକତା ଓ ଆଧୁନିକ ପ୍ରଣାଳୀରେ ଚାଷ କଲେ ଚାଷୀ କିପରି ଲାଭବାନ ହୋଇପାରିବ ସେ ଉପରେ ବୁଝାଇଥିଲେ। ଆଧୁନିକ ପ୍ରଣାଳୀ କୃଷୀ କ୍ଷେତ୍ରରେ ଉନ୍ନତ ମାନର ଯନ୍ତ୍ରପାତିର ବ୍ୟବହାର କରି ଚାଷୀ ଅଧିକ ଲାଭବାନ ହୋଇପାରୁଥିବା ହେତୁ ଏବଂ ଏ କ୍ଷେତ୍ରରେ ସରକାର ଡିବିଟି ମାଧ୍ୟମରେ ସବସିଡି ଯୋଗାଇ କୃଷକଙ୍କ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେଉଥିବାରୁ ଜିଲ୍ଲାର କୃଷକ ଭାଇମାନେ ଏହାର ସୁଯୋଗ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ତେବେ ଏହି ଅବସରରେ ଏହି ଦିବସରେ କଲ୍ୟାଣସିଂପୁରର ଉଦ୍ୟାନ ବିଭାଗର ଜଣେ ସଫଳ ଚାଷୀ ତଥା ସାମ୍ବାଦିକ ଏଙ୍କେଟେଶ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହ ବିଷମକଟକ ବ୍ଲକର ପଙ୍କଜ ବାତ୍ରା, ରାୟଗଡ଼ ବ୍ଲକର ପ୍ରବୀଣ ପାଲାଡୁ, କଲ୍ୟାଣସିଂପୁରର ଜଗନ୍ନାଥ ମିଣିଆକା, କୋଲନରା ବ୍ଲକର ସନ୍ତୋଷ ମିଣିଆକା ପ୍ରମୁଖ ଚାଷୀଙ୍କୁ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ବୁକିଂ କରି କିଣି ଥିବାରୁ ଅତିଥିମାନଙ୍କ ଦ୍ୱାରା ସମସ୍ତଙ୍କୁ ଚାବି ପ୍ରଦାନ କରାଯାଇଥିଲା। ଶେଷରେ ଅପରାହ୍ନ ୩ଟାରେ ସାଂସ୍କୃତିକ କର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା । ଶେଷରେ ଗୋଷ୍ଠୀ କୃଷି ଅଧିକାରୀ ରାମନାଗୁଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୫ଦିନର କାର୍ଯ୍ୟକ୍ରମ କୁ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ଓ ସହକାରୀ କୃଷି ଯନ୍ତ୍ରୀ ଭାଗ୍ୟଶ୍ରୀ ମଲ୍ଲିକ ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ ।

## ସଂସ୍କୃତିର ବାର୍ତ୍ତାବହ ୩୧ତମ ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଯାପିତ

# ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ ଓ ଗୌରବ : ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ପାଞ୍ଚ ଦିନ ଧରି ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସଂସ୍କୃତିର ବାର୍ତ୍ତାବହ ୩୧ତମ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା, ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ତଥା ସୁବର୍ଣ୍ଣ ଫୁଡ ଫେଷ୍ଟ ୧୦ ତାରିଖ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲ୍ଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧକ୍ଷା ଶ୍ରୀମତୀ ଅନ୍ୟା ଦାସଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ପ୍ରମୁଖ ଯୋଗ ଦେଇଥିଲେ। ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ ଓ ଗୌରବର ପ୍ରତୀକ। ସୁବର୍ଣ୍ଣପୁରର ମାଟି ସଂସ୍କୃତିର ମାଟି କହିବା ସହିତ ଜିଲ୍ଲାର ପୁରାତନ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଜିଲ୍ଲାପାଳ ତଥା ଅଧକ୍ଷା ଜିଲ୍ଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ଶ୍ରୀମତୀ ଦାସ । ସ୍ୱର୍ଗତ ଫକୀର ପଟ୍ଟନାୟକ ଏ ମାଟିର ଗର୍ବ ବୋଲି ଅନ୍ୟ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସଭା ମଞ୍ଚକୁ ପୂର୍ଣ୍ଣଚନ୍ଦ୍ର ପାଢୀ ପରିଚାଳନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ, ଜାମୁଡାଲି, ଫେଶନ ସୋ, କରମସାନୀ ନୃତ୍ୟ ଏବଂ ମଣିପୁର ଓ ହରିୟାନାର ଲୋକ ନୃତ୍ୟ ତଥା ପୁରୀ ମାଲଖମ୍ଭ ର କଳାକାରଙ୍କ କଳା ପ୍ରଦର୍ଶନରେ ଦର୍ଶକ ଝୁମିଥିଲେ । ଜିଲ୍ଲା ମହୋତ୍ସବ ମାଧ୍ୟମରେ ଲୁପ୍ତପ୍ରାୟ ସଂସ୍କୃତି, ପାରମ୍ପରିକ ଲୋକସଙ୍ଗୀତ ଓ ଲୋକନୃତ୍ୟର ପ୍ରଚାରପ୍ରସାର ପାଇଁ ଉଦ୍ୟମ ହୋଇଥାଏ ଏବଂ ଜନସାଧାରଣ ଏହି ମହୋତ୍ସବ ମାଧ୍ୟମରେ ସେହି ଲୁପ୍ତ ପ୍ରାୟ କଳା, ସଂସ୍କୃତି ତଥା ନୃତ୍ୟ ସଂଗୀତକୁ ଉପଭୋଗ କରିବା ସହ ଗୌରବ ଓ ଗରିମାକୁ ଆଗାମୀ ପିଢ଼ିକୁ ଅନୁସରଣ ପାଇଁ ଉତ୍ସାହିତ କରିଥାଏ। ପାଞ୍ଚ ଦିନ ଧରି ଚାଲିଥିବା ଏହି ମେଳରେ ଜିଲ୍ଲାର କୋଣ ଅନୁକୋଣରୁ ସବୁ ବର୍ଗର ଜନସାଧାରଣ ସମ୍ମିଳିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଜିଲ୍ଲା ତଥା ବିଭିନ୍ନ ଜିଲ୍ଲାରୁ ଆସିଥିବା ପାରମ୍ପରିକ ଖାଦ୍ୟ ସହ ରାଜ୍ୟ ବାହାରର ସୁସ୍ୱାଦୁ ଖାଦ୍ୟର ସ୍ୱତନ୍ତ୍ର ଭାବେ ଖୋଲା ଯାଇଥିବା ସୁବର୍ଣ୍ଣ ଫୁଡ ଫେଷ୍ଟ ଷ୍ଟଲରେ ଖାଦ୍ୟର ମଜା ନେଇଥିଲେ। ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ଷ୍ଟଲ ଗୁଡିକୁ ଓରମାସ ତରଫରୁ ପୁରସ୍କୃତ କରାଯାଇଥିଲା। ପାଞ୍ଚ ଦିନଧରି ଚାଲିଥିବା ଏହି ମେଳା ଅବସରରେ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟବସାୟ କାରବାର ହୋଇଥିବା ଓରମାସ ତରଫରୁ ସୂଚୀତ କରାଯାଇଛି।

# ପଥର ମାଫିଆଙ୍କ କବ୍‌ଜାରେ ପରିତ୍ୟକ୍ତ ହେଲେ ଆଦିବାସୀଙ୍କ ଠାକୁରାଣୀ

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ନିବେଦନ

**ଯାଜପୁର, ନ୍ୟୁଜ**
ଗ୍ରାନାଇଟ ତଥା କଳାପଥର ପରିପୂର୍ଣ୍ଣ ଜଙ୍ଗଲରେ ଥିଲେ ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲା ସୀମାରେ ଥିବା ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ନିହଲ ପ୍ରସାଦ ପଂଚାୟତ ନୂଆ କଷ୍ଟିପାଳ ଗ୍ରାମର କଳାପଥର ଠାକୁରାଣୀ। ସରଳ ନିରୀହ ଶବର ସଂପ୍ରଦାୟ ଆଦିବାସୀଙ୍କ କଳାପଥର ଠାକୁରଣୀ ଥିଲେ ଆରାଧ୍ୟ ଗ୍ରାମ ଦେବତୀ। ହେଲେ ପଥର ମାଫିଆ ପାହାଡକୁ ଗିଳିଦେଲେ। ଶେଷକୁ ଶବରମାନଙ୍କୁ ତାଙ୍କର ଠାକୁରାଣୀଙ୍କ ପୂଜାବି କରାଇ ଦେଲେ ନାହିଁ। କଳା ଠାକୁରାଣୀ ପରିତ୍ୟକ୍ତ ଅବସ୍ଥାରେ ପଡି ରହିବା ନେଇ ଶବରମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଉଛି।



ନୂଆ କଷ୍ଟିପାଳ ଗ୍ରାମ ସଂଲଗ୍ନ ପାହାଡ ବୃକ୍ଷଲତାରେ ପରିପୂର୍ଣ୍ଣ ଥିଲା। ସଂଧ୍ୟା ହେଲେ ବନ୍ୟ ଜନ୍ତୁମାନଙ୍କ ଶବ୍ଦରେ ପାହାଡ କଡର ଏହି ଗାଁ ଗୁଡିକରେ ତାଟି କବାଟ ପଡି ଯାଉଥିଲା। ସୁନ୍ଦର, ସମୃଦ୍ଧ ସବୁଜିମା ପରିବେଶରେ ଆଦିବାସୀମାନେ ପ୍ରକୃତି ସହ ପାରମ୍ପରିକ ଜୀବନ ବିତାଉଥିଲେ। ହେଲେ ଜଙ୍ଗଲରେ ଥିବା କଳାପଥର ଉପରେ ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଲା। ସେଥି ପାଇଁ ଏହି ଜଙ୍ଗଲରେ ପ୍ରଥମେ ସଂପୂର୍ଣ୍ଣ ବେଆଇନ ଭାବେ ଏକ ମେଗା କ୍ରସର ସ୍ଥାପନ କଲେ କଳାପଥର ମାଫିଆ। ଏକ ବେଆଇନ ମେଗାକ୍ରସରକୁ ଆଇନରେ ପରିଣତ କରିବା ପାଇଁ ପ୍ରଶାସନ ହାତବାରିସ ସାଜିଥିବା ଅଭିଯୋଗ ହେଉଛି। ଶବରମାନଙ୍କ ଘର ନିକଟରେ ଆଖିବୁଜା ପ୍ରଦୂଷଣ କରୁଥିବା କ୍ରସର ସ୍ଥାପନ ପାଇଁ ଅନୁମତି ପ୍ରଦାନ କରାଗଲା। ଏହାପରେ ଘଞ୍ଚଜଙ୍ଗଲରେ ଥିବା ଗଛ ବୃକ୍ଷକୁ କାଟି ଜଙ୍ଗଲର କଙ୍କାଳ ସଦୃଶ୍ୟ କଳାପଥରକୁ କୋରିଦେଲେ ପଥର ମାଫିଆ। ଶେଷକୁ ପାହାଡ ଉପରେ ଥିବା ଶବରମାନଙ୍କ କଳାପଥର ଠାକୁରଣୀଙ୍କୁ ବି ଛାଡିଲେ ନାହିଁ। ଏହି ଠାକୁରାଣୀଙ୍କ ନିକଟକୁ ଶବରମାନେ ଆଉ ପୂଜାକରିବାକୁ ଯାଇ ପାରିଲେ ନାହିଁ। ଏଠାରେ ପ୍ରତିବର୍ଷ ହେଉଥିବା ଯଜ୍ଞ ଏବଂ ଯାତ୍ରାକୁ ବନ୍ଦ କରି ଦିଆଗଲା। ଶବରମାନଙ୍କ ଡାକରାରେ ରାଜ୍ୟରେ ପାହାଡ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତିଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଏହି ଠାକୁରାଣୀଙ୍କ ପର୍ଯ୍ୟନ୍ତ ଯାଇଥିଲା। ପ୍ରତିନିଧି ଦଳ ସହଶତାଧିକ ସଂଖ୍ୟାରେ ଶବରମାନେ ସାମିଲ ହୋଇଥିଲେ। ଶବରମାନେ କାନ୍ଦିକାନ୍ଦି ସେମାନଙ୍କ ଠାକୁରାଣୀଙ୍କ ଦୂରାବସ୍ଥା ବର୍ଣ୍ଣନା କରିଥିଲେ। ଶବରମାନେ କହିଥିଲେ ଯେ, ଆମେ ଯାହା ଫଳ ମୂଳଟିଏ ପାଇଲେ ପ୍ରଥମେ ଆଗେ ଆମ କଳାଠାକୁରାଣୀଙ୍କ ନିକଟରେ ଭୋଗ ଲଗାଇବା ପରେ ଖାଇଥାଉ। ଠାକୁରାଣୀ ପାଖରେ ଆମ ଯଜ୍ଞ ଏବଂ ମେଳା ଆମର ମୁଖ୍ୟ ପର୍ବ। ଯଜ୍ଞ ସମୟରେ ଠାକୁରାଣୀ ଥିବା ଜଙ୍ଗଲ ତଳେ ଦୋକାନ ବଜାର ବସୁଥିଲା। ହେଲେ ପାହାଡ ମାଫିଆ ଆମ ପାହାଡକୁ କୋରି ଖାଇଦେଲା। ଶେଷକୁ ଆମଠାକୁରାଣୀଙ୍କୁ ବି ପରିତ୍ୟକ୍ତ କରି ପକାଇ ରଖିଛି। ଏଠାକୁ ଆମେ ପୂଜାକରିବାକୁ ଯାଇପାରୁ ନାହୁଁ। ଆଉକିଛି ଦିନ ପରେ ପଥର ବ୍ଲାଷ୍ଟିଂ ପାଇଁ ଠାକୁରଣୀ ଭୁଶୁଡି ପଡି ମାଟିରେ ମିଶିବେ। ପାହାଡ ଉପରେ ଥିବା ଠାକୁରାଣୀଙ୍କ ନିକଟକୁ ଯିବା ପାଇଁ ପଥରରେ ହୋଇଥିବା ପାହାଚ ଧୀରେ ଧୀରେ ନଷ୍ଟ ହୋଇଗଲା। ଠାକୁରାଣୀଙ୍କ ବିଜେସ୍ଥଳୀ ଏବେ ସଂପୂର୍ଣ୍ଣ ପରିତ୍ୟକ୍ତ ହୋଇଗଲା। ଆମେ ଯେତେ ବିରୋଧ ଏବଂ ଆନ୍ଦୋଳନ କଲେ ମଧ୍ୟ ସରକାର ଆମ କଥା ଶୁଣିଲା ନାହିଁ। ତଥାପି ଆମକୁ ନ୍ୟାୟମିଳୁନାହିଁ କିମ୍ବା ପାହାଡ ସୁରକ୍ଷିତ ହେଉ ନାହିଁ। ଏଥିନେଇ ସଭାପତି କହିଛନ୍ତି ଯେ, ଏଠାରେ ଦୀର୍ଘଦିନ ଧରି ପାହାଡଖାଦନରେ ୧୪୪ ଧାରା ଜାରିହୋଇଥିଲେ ମଧ୍ୟ ପାହାଡ ଲୁଟ୍ ବେଧଡକ ଚାଲିଛି। ଆମ ବିରୋଧ ପରେ ପାହାଡଲୁଟରେ ୨୧ ଟି ହାଇୱା ଜବତ କରିଛି। ହେଲେ ଏହାର ତିନିଦିନ ପରେ ପାହାଡ ଲୁଟ ବେଧଡକ ଚାଲିଛି। ଏଥିନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶକୁ ସ୍ଥାନୀୟ ପ୍ରଶାସନ ଖାତିରି କରୁ ନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଆଦିବାସୀଙ୍କ ସ୍ୱାର୍ଥରକ୍ଷାକୁ ଗୁରୁତ୍ୱ ଦେଉଥିବାରୁ ଏଥିନେଇ ସରକାର କଠୋର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଭାପତି ପତ୍ରମାଧ୍ୟମରେ ନିବେଦନ କରିଛନ୍ତି।

# ୧୦ ବର୍ଷ ହେଲା ରାସନ ସାମଗ୍ରୀ ହଡପ ଅଭିଯୋଗ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**
କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ରଘୁନାଥପୁର କରାଣ୍ଡିଆ ପାଟଣା ଗ୍ରାମର ସସ୍ମିତା ପରିଡାଙ୍କ ଖାଦ୍ୟ ସୁରକ୍ଷା ଯୋଜନା ରାସନ ସାମଗ୍ରୀ ଦୀର୍ଘ ୧୦ ବର୍ଷ ହେଲା ଡିଲର ସହଯୋଗ ରେ ଅନ୍ୟ ଦୁଇ ଜଣ ବ୍ୟକ୍ତି ହଡପ କରି ଚଳିଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଚାଲିଥିବା କେୱାଇସି ମେଳକରୁ ଏହା ଧରାପଡିବା ପରେ ୧୦ ବର୍ଷର ସମଗ୍ର ରାସନ ସାମଗ୍ରୀ ସରକାରଙ୍କ ଦ୍ୱାରା ଦିଆଯାଇ ଥିବା ୨ ହଜାର ଟଙ୍କା ସଂପୃକ୍ତ ଡିଲରଙ୍କ ଠାରୁ ଆଦାୟ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧୀକରଣ ନିକଟରେ ହିତାଧିକାରୀ ଜଣକ ଅଭିଯୋଗ କରିଛନ୍ତି। ସେହି ଗ୍ରାମର ମହିଳା ସସ୍ମିତା ପରିଡା ଅଧିକ ପାଠସାଠ ପଢି ନଥିବାରୁ ତାଙ୍କ ରାସନ ସାମଗ୍ରୀ କୁ ୧୦ ବର୍ଷ ହେଲା ସେହି ଗ୍ରାମର ଦୁଇ ଜଣ ପ୍ରଭାବଶାଳୀ ବ୍ୟକ୍ତି ଡିଲରଙ୍କ ସହ ସଲାସୁତରା କରି ଲୁଟ କରି ଚାଲିଛନ୍ତି । ସସ୍ମିତା ଏନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜିଲ୍ଲା ଆଇନସେବା ପ୍ରାଧିକରଣ ନିକଟରେ ଅଭିଯୋଗ କରିଥିଲେ । ତେବେ ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ଅଭିଯୋଗ ର ଗୁରୁତ୍ୱ ଉପଲବ୍ଧି କରି କେୱାଇସି ମେଳକ ସହ ତଦନ୍ତ କଲାପରେ ସବୁ ଘଟଣା ସ୍ପଷ୍ଟ ହୋଇଥିବା ଜଣାପଡିଛି। ତେବେ ଏହି ରାସନ ସାମଗ୍ରୀ ଘୋଟାଲା ର ନ୍ୟାୟ ସୁମିତ୍ରା କେବେ ପାଇବେ ସେନେଇ ସ୍ଥାନୀୟ ଅଂଚଳରେ ଆଲୋଚନା ଜୋର ଧରିଛି ।

# ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୬ ମାଫିଆ ଗିରଫ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**
ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳର ୬ ଜଣ ଗଞ୍ଜେଇ ମାଫିଆ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଆନ୍ଧ୍ର ସାଲୁର୍ ପୁଲିସ ହାତରେ ଧରା ପଡିଛନ୍ତି । ଦୁଇ ଜଣ ଫେରାର ହୋଇଯାଇଥିବା ସୁଚନା ମିଳିଛି । ଦୁଇଟି ବୋଲେରୋ ସହ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି । ଗିରଫ ମାଫିଆ ହେଲେ ଲକ୍ଷ୍ମୀକାନ୍ତ ଶିଶା, ଭକ୍ତରାମ ଖେମୁଣ୍ଡୁ, କ୍ରିଷ୍ଣା ବରୁଡ଼ି, ବିଶ୍ୱନାଥ ଡାଙ୍ଗୁଲୁ, ଡମ୍ବରୁ ଖରା ଓ ବିନୋଦ ଖିଲ। ରାଜୁ ଓ ସମନାଥ ଦୁଇ ଜଣ ଫେରାର ହୋଇ ଯାଇଛନ୍ତି। ଅଭିଯୁକ୍ତଙ୍କ ଘର ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳର ବୋଲି ଜଣା ପଡ଼ିଛି।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୩।୧।୨୦୨୫, ପୌଷ ଦି୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୨୪।୩୧ ଚନ୍ଦ୍ରୋଦୟ- ଦିଘ ୪।୫୨।୧୬**

**ପୂର୍ଣ୍ଣିମା-** ରାଘ ୩।୫୭ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୧୦।୩୯ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ରାଘ ୪।୧୯ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୪।୧୯ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ରାଘ ୪।୧୯ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୩।୫୭ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୦ ମଧ୍ୟେ । ଦିଘ ୯।୨୩ ଗତେ ଘ ୧୧।୩୪ ମଧ୍ୟେ । **ପର୍ବୋତ୍ସବ-** ପୌଷ ପୂର୍ଣ୍ଣିମା, ଦେବାଭିଷେକ, ମହୋଦଧି ଆଳତି, ଶ୍ରୀମନ୍ଦିରେ ଶ୍ରୀଜୀୟୁ ମାନଙ୍କ ରାଜାଧିରାଜ ବେଶ ।


**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସୁଖୀ ହେବେ।


**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ।


**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ସ୍ଥିର ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ। ପରୋପକାରୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା।


**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି।


**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି। ରୋଜଗାରରେ ଉନ୍ନତି ଦେଖାଦେବ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା।


**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।


**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।


**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।


**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।


**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।


**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୪/୦୧/୨୦୨୫, ମାଘ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୨୪।୩୬ ଚନ୍ଦ୍ରୋଦୟ- ସଂ ଘ ୫/୫୩/୦୮ ସେକେଣ୍ଡ**

**ପ୍ରତିପଦ -** ରାଘ ୩/୨୨ ପର୍ଯ୍ୟନ୍ତ । **ପୁନର୍ବସୁନକ୍ଷତ୍ର -** ଦିଘ ୧୦/୪୮ ପର୍ଯ୍ୟନ୍ତ । **କର୍କଟଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦରର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ପାଣି କଖାରୁ ରାଘ ୩/୨୨ ପରେ ବୋଇତ କଖାରୁ ଖାଇବା ମନା, **ଆଜିର ଶୁଭବେଳା-** ଦିଘ ୮/୩୯ ଗତେ ଘ ୧୦/୫୦ ମଧ୍ୟେ, ଦିଘ ୪/୦୨ ଗତେ ଘ ୪/୩୯ ମଧ୍ୟେ। **ପର୍ବୋତ୍ସବ -** ମକର ସଂକ୍ରାନ୍ତି, ଗଂଗାସାଗର ମେଳା, ପୋଙ୍ଗଲ, ଉତ୍ତରାୟଣ ବନ୍ଦାପନା, ମାଘ ବ୍ରତ ଆରମ୍ଭ, ପ୍ରୟାଗରେ କୁମ୍ଭସ୍ନାନ, ବ୍ୟାସ କବି ଫକିର ମୋହନ ଜୟନ୍ତୀ।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଡିଜିଟାଲ ଠକେଇରେ ୩୦୦% ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ନାରୀଶିକ୍ଷା ଓ ସଂକ୍ରାନ୍ତି ପୁରୁଷ ଫକୀରମୋହନ



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



(ଫକୀରମୋହନ - ଜୟନ୍ତୀ ଉପଲକ୍ଷେ)

ଗଦ୍ୟସମ୍ରାଟ ଫକୀରମୋହନ ସେନାପତି (୧୮୪୩, ଜାନୁଆରୀ-୧୩ - ୧୯୧୮, ଜୁନ୍ ୧୪)। ଜନ୍ମ ପବିତ୍ର ମକର ସଂକ୍ରାନ୍ତିରେ। ତିରୋଧାନ ରଜ ସଂକ୍ରାନ୍ତିରେ। ତେଣୁ ସେ ସଂକ୍ରାନ୍ତି ପୁରୁଷ। ତାଙ୍କ ବାଲ୍ୟକାଳ ସଂଘର୍ଷମୟ। କେବେ ଅଝାଳ ସିଲେଇ ତ ଜାହାଜାତି କାରବାର, ଏମିତି ପିଲାବେଳ କଟିଲା। ପରେ ସେ ସ୍କୁଲ୍ ମାଷ୍ଟ୍ରେ, ପରିଶେଷରେ ଦେବାନ / ଆଡ଼ମିନିଷ୍ଟ୍ରେଟର୍। ତାଙ୍କର ବିପୁଳ ଜୀବନାନୁଭୂତି। ଓଡ଼ିଶା ଜନଜୀବନ ସହ ସେ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ। ଜୀବନକୁ ସେ ଦେଖିଲେ ଖୁବ୍ ନିକଟରୁ। ଊନବିଂଶ ଶତାବ୍ଦୀର ଓଡ଼ିଶାର ଶିକ୍ଷା, ସାମାଜିକ ବ୍ୟବସ୍ଥା, ଆର୍ଥନୀତିକ ଜୀବନ, ଅପସଂସ୍କୃତି, ସାହୁକାର ଗୁମାସ୍ତାଙ୍କ ଶୋଷଣ, ଫିରିଙ୍ଗି ବାହିନୀଙ୍କ ଅପଶାସନ - ଏସବୁ ଫକୀରମୋହନଙ୍କୁ ବହୁଭାବରେ, ବହୁ ରୂପରେ ପ୍ରଭାବିତ କଲା। ସେ ତଟସ୍ଥ ଭାବେ ଆଙ୍କିଦେଲେ ଏସବୁ କଥା ଆପଣାର ରାଶି ରାଶି ସାହିତ୍ୟ କୃତିରେ। ବିଶେଷ କରି ତାଙ୍କ ଗଦ୍ୟ ସମୂହ ଜନଜୀବନକୁ ଆପଣେଇ ନେଇଛି, ହୋଇଯାଇଛି କାଳଜୟୀ। ଫକୀରମୋହନ ପ୍ରଥମେ ଦ୍ରଷ୍ଟା, ପରେ ସାଧକ, ସ୍ରଷ୍ଟା। ତାଙ୍କ ଲେଖନୀରୁ ଜନ୍ମ ନେଇଛି ଚାରୋଟି ଉପନ୍ୟାସ - "ଛ'ମାଣ ଆଠଗୁଣ୍ଠ", 'ମାମୁଁ', 'ଲଛମା', 'ପ୍ରାୟଶ୍ଚିତ'। ଅନୁରୂପ ଭାବେ ସେ ୨୦ଟି କ୍ଷୁଦ୍ରଗଦ୍ୟର ସ୍ରଷ୍ଟା। ତାଙ୍କର ପ୍ରଥମ ଗଳ୍ପ 'ରେବତୀ' (୧୮୯୮)। ଏଥିରେ ସେ ନାରୀଶିକ୍ଷାର ପ୍ରୋତ୍ସାହନ ଦେଇଛନ୍ତି। କେବଳ ସେତିକି ନୁହେଁ, ପେଟେଣ୍ଟ ମେଡ଼ିସିନ୍, ସୁନାବୋହୂ, ମୋର ତ ପାଠୋଇ ବୋହୂ, ସଭ୍ୟ ଜମିଦାର ଆଦି ଗପରେ ବି।

ସମାଜ ସଂସ୍କାରକ ଫକୀରମୋହନ। ନାରୀଙ୍କ ସ୍ଥାନ ରୋଷେଇଶାଳରେ - ଏ ଚିନ୍ତନଟି ପ୍ରାଚୀନ ବର୍ବରତା। ଏ କଥାଟି ସେ ଅନୁଭବ କରିଥିଲେ। ଶିକ୍ଷିତ ପୁରୁଷ, ଗୋଟେ ଅଶିକ୍ଷିତ ନାରୀ - ଏଇଟି କୌଣସି ଜାତି ପାଇଁ ଶୁଭଙ୍କର ନୁହେଁ, ତାହା ଫକୀରମୋହନଙ୍କୁ ଅଜଣା ନଥିଲା। ଊନବିଂଶ ଶତାବ୍ଦୀର କଥା। ଓଡ଼ିଶାରେ ନାରୀଶିକ୍ଷା ଅତ୍ୟନ୍ତ ନୈରାଶ୍ୟଜନକ। ଶିକ୍ଷା ତ ଦୂରର କଥା, ଏରୁଣ୍ଡିବନ୍ଧ ଡେଇଁବାକୁ ବାରଣ। ନିଜର ବଡ଼ିଲା ଭଉଣୀ, ବିବାହିତ ସ୍ତ୍ରୀର ନାଁ, କେହି କେହି ପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ। ପ୍ରାଚୀନ ପ୍ରଥା ପରମ୍ପରା ପିଷ୍ଟ ଜୀବନ। ହିନ୍ଦୁ ସମାଜ, କଠୋର ନିୟମକୁ ଏଡ଼ାଇବା ସମ୍ଭବ ନଥିଲା। ନାରୀଶିକ୍ଷାର ପ୍ରୋତ୍ସାହନ ଆଦୌ ନଥିଲା। ନାରୀଶିକ୍ଷା ଦ୍ୱାରା ଭ୍ରଷ୍ଟାଚାର ବ୍ୟାପିବ - ଏପ୍ରକାର ଆଶଙ୍କା ବଳବତ୍ତର ଥିଲା। ନାରୀ ସତୀତ୍ୱକୁ ରୁଦ୍ଧ କପାଟରେ ରକ୍ଷା କରିବାର ରୀତି ଅନୁସୃତ ହୋଇଥିଲା। ନାରୀଶିକ୍ଷାର ପ୍ରସାର ପାଇଁ ପ୍ରଥମେ ଖ୍ରୀଷ୍ଟିୟାନ ମିଶନାରୀମାନେ ପଦକ୍ଷେପ ନେଲେ। ରାଜା, ବିଷୟାସମ୍ପନ୍ନ କରଣ - ଏମାନେ ଆପଣା, ଆପଣା ଘରେ ଖ୍ରୀଷ୍ଟିୟାନ ପାଠ ମା' ରଖି ଶିକ୍ଷା ଦେଉଥିଲେ। ଏକଥାଟି ଲେଖିଥିଲା 'ଉତ୍କଳ ଦୀପିକା' (୧୮୮୧)। ଅବିନାଶ ଚଟ୍ଟୋପାଧ୍ୟାୟ, ନିଜ ବାଲୁବଜାର ସ୍ଥିତ ବାସଭବନରେ ବାଳିକା ସ୍କୁଲ୍‌ଟିଏ ବସାଇଲେ। ନବାଚାରୀ ନଥିବା ବୟସ୍କା ଭଦ୍ର ବଂଶୋଦ୍ଭବା ବାଳିକା ଏହି ବିଦ୍ୟାଳୟରେ ଗ୍ରହଣ କରାଗଲା। ଅନ୍ୟମାନଙ୍କୁ ସୁଯୋଗ ଦିଆ ଯାଉନଥିଲା। ଏକଥାଟି ଉତ୍କଳ ଦୀପିକାର ସମ୍ପାଦକ ଲେଖିଥିଲେ। ଫକୀରମୋହନ ମଧ୍ୟ ବାଲେଶ୍ୱରରେ ବସାଇଲେ ବାଳିକା ସ୍କୁଲ୍‌ଟିଏ। ଏଥିପାଇଁ ସେ ବହୁ ନିନ୍ଦା ସହିଲେ। ଏସବୁ ଅଭିଜ୍ଞତାକୁ ଉଲ୍ଲେଖ କରିଛନ୍ତି ନିଜ ଆତ୍ମଲିପି 'ଆତ୍ମଚରିତ'ରେ। ସେତେବେଳେ ହିନ୍ଦୁ ସମାଜ ନାରୀ ଶିକ୍ଷାର ସମ୍ପୂର୍ଣ୍ଣ ବିରୋଧୀ। ସ୍ତ୍ରୀଶିକ୍ଷା ଗୋଟାଏ ଭୀଷଣ ଦୁଷ୍କାର୍ଯ୍ୟରେ ଗଣ୍ୟ। ସ୍ତ୍ରୀ ମହଲରେ ନାନାଦି କୁସଂସ୍କାର। ଝିଅ ପାଠ ପଢ଼ିଲେ ବିଧବା ହୋଇଯାଏ। ତା' ହାତ ତିଅଣ ଲୁଣିଆ ବା ଅଲଣା ହୁଏ। ତା' ହାତରେ ତରକାରୀ ଭଲ ସିଝେ ନାହିଁ। ଏସବୁ ଫକୀରମୋହନଙ୍କ ଶୁଣାକଥା। ତାହାକୁ ସେ ଲେଖିଛନ୍ତି ଆତ୍ମଲିପିରେ। ସମାଜରେ ଯେଉଁମାନେ ଅତିବୁଦ୍ଧିମାନ ପୁରୁଷ, ସେମାନେ ବି ନାରୀଶିକ୍ଷାର ବିରୋଧରେ। ଝିଅଗୁଡ଼ାକ ପାଠପଢ଼ି କ'ଣ ଗୋମାସ୍ତାଗିରି କରିବେ ନା କଚେରିରେ ଅମଲା ହେବେ! ଆଉ କେହି କେହି କହିଲେ ଫକୀରମୋହନଟା ବାଳିକା ବିଦ୍ୟାଳୟ ବନାଇଚି। ତିରିଲାଗୁଡ଼ାକ ପାଠ ପଢ଼ିଲେ ଅସମ୍ଭାଳ ହେବେ। ମାନ ମହତ, କୁଳ, ଜାତି, ଧର୍ମ ସବୁ ଯିବ। ବଦମାସ, ସୟତାନ, ଫକୀରମୋହନଙ୍କୁ ରକ୍ଷାନାହିଁ। ପେଟରେ ତା'ର ଛନ୍ଦ କପଟ, ଅଣ୍ଟିରେ ତଣ୍ଟିକଟା ଛୁରୀ। ସାହେବମାନଙ୍କ ସହ ସଦ୍‌ଭାବ ରଖି ସମାଜ ବଦଳା - ସବୁକଥାରେ ସେ ଆଗୁସାର। ରାଜା ଶ୍ୟାମାନନ୍ଦ ଦେ ବସିଥାଆନ୍ତି। ପାଖରେ ଅମଲାମାନେ। ଫକୀରମୋହନଙ୍କୁ ଡାକରା ଆସିଲା, ତାଙ୍କୁ ଦେଖିବା ମାତ୍ରେ ରାଜା ଚିତ୍କାର କଲେ - "ଆହେ ସେନାପତି! ଭଲ କାର୍ଯ୍ୟଟାଏ କଲ? ତୁମ୍ଭେପରା ଗୋଟିଏ ମାଯୀ ସ୍କୁଲ୍ ବସାଇଛ? ଉଠାଓ, ଉଠାଓ, ଉଠାଓ।" ରାଜା ରାଗରେ ନିଆଁବାଣ। ଝିଏ ଗୀତ ଗାଇବେ, ଭାଗବତ ପଢ଼ିବେ, ଛାନ୍ଦ ବୋଲିବେ - ଏକଥା ଫକୀର ମୋହନ କହିଲେ। ରାଜାଙ୍କର ସେଇ ଗୋଟାଏ କଥା - "ଉଠାଓ ସ୍କୁଲ୍ ଉଠାଓ ସ୍କୁଲ - ଉଠାଓ।" ଆଜ୍ଞା କହି, ଶିର ଝୁଙ୍କାଇ ଫେରିଲେ ଫକୀରମୋହନ। ଏ ପ୍ରସଙ୍ଗଟି ତାଙ୍କ ଆତ୍ମ ଜୀବନୀରେ ସ୍ଥାନିତ। କେବଳ ବାଳିକା ସ୍କୁଲ୍‌ଟିଏ ବସାଇ ସେ ନିରବ ରହିନାହାନ୍ତି। ଲେଖିଛନ୍ତି 'ରେବତୀ' ଗପ। ନିପଟ ମଫସଲର ଝିଅ ରେବତୀ, ସେ ପାଠପଢ଼ିଛି। ଏଇଟି ଥିଲା ଗୋଟେ ଯୁଗାନ୍ତକାରୀ ଘଟଣା। ନାରୀଶିକ୍ଷା ପ୍ରୋତ୍ସାହନ ଗପଟିର ଆତ୍ମିକ ବିଭବ। ଗପଟି ମଧ୍ୟ କାଳଜୟୀ।

ଚାର ପାଇଁ ରହିଛି ମହତ୍ତ୍ୱପୂର୍ଣ୍ଣ ସନ୍ଦେଶଟିଏ। ଗପଟି ଅନନ୍ୟ, ଅନୁପମ କଳାଶ୍ରୀ ବିମଣ୍ଡିତ।

ଦୂରଦ୍ରଷ୍ଟା ଫକୀରମୋହନ। ସେଦିନ ରେବତୀକୁ ଖଡ଼ି ଧରାଇଲେ। ସେ କିଛି କିଛି ପଢ଼ିଲା ବି। ସ୍ରଷ୍ଟା ଜାଣିଥିଲେ, ଏ ଦିନ ରହିବନି। ଦିନ ଆସିବ, ତାଙ୍କ ରେବତୀମାନେ ଆଗକୁ ମାଇନର ପଢ଼ିବେ, ଉଚ୍ଚଶ୍ରେଣୀ, ଏମିତି ଢେର୍ ଢେର୍ ପାଠ ପଢ଼ିବେ। ଚାକିରି କରିବେ, ବାପା ଭାଇଙ୍କୁ ଟଙ୍କା ରୋଜଗାର କରିଦେବେ। ପୁରୁଷଙ୍କ ସହ ସମାନ ହେବେ। ନାଁ କରିବେ। ତାଙ୍କ କଥା ସତହେଲା। ଏବେ ଓଡ଼ିଆ ନାରୀ ବହୁ ଆଗରେ। ଫକୀରମୋହନ 'ରେବତୀ'କୁ ଭୁଲି ପାରିଲାନି ଉତ୍ତର ପିଢ଼ିର ଲେଖକ/ଲେଖିକା। କାହା କଲମରେ ସେ ଉଚ୍ଚଶିକ୍ଷିତା, କିଏ ବଡ଼ ଚାକିରି କରି ବିଡ଼ା ବିଡ଼ା ଟଙ୍କା କମଉଛି, ଭାଇକୁ ପାଠ ପଢ଼େଇଛି। ଆଉ କେଉଁଠି ରେବତୀର ସହରୀ ସଂସ୍କରଣ। ସେ ସ୍କୁଲ୍‌ରୁ ବାସୁ ସାର୍‌ଙ୍କ ସାଇକେଲରେ ବସି ଚାଲି ଯାଉଛି, ତାଙ୍କ ସହ ନିରୋଳାରେ ଦି ଚାରି ଦିନ ଏକାଠି କଟାଉଛି। ପୁଣି ଗାଁକୁ ଫେରିଛି। ପୁଣି ପାଠପଢ଼ା ଚାଲୁରଖିଛି। ଅନ୍ୟତ୍ର ଘର ସଂସାର କରିଛି। ଏବେ ସେ ନେତ୍ରୀ। ଏସବୁ ପରିପକ୍ୱ ସମୟର ଫଳ। ଏହାସତ୍ତ୍ୱେ; ଫକୀର ମୋହନଙ୍କ ପାଠରଙ୍କୁଣୀ 'ରେବତୀ' ହିଁ 'ରେବତୀ'। ନାରୀଶିକ୍ଷା, ସଂଯତ ପ୍ରେମ, ସାମାଜିକତା - ସବୁକୁ ଅଙ୍ଗୀକାର କରି 'ରେବତୀ' କୋଟି ହୃଦୟ ମନପ୍ରାଣ ଜିଣିଛି। ଓଡ଼ିଆ ବାଣୀ ଭଣ୍ଡାରରେ ତାଦୃଶ ଗଳ୍ପ ଏବେ ବି ବିରଳ! ସମୟ କ୍ରମେ ଝିଏ ପାଠ ପଢ଼ିଲେ, ଘରକରଣା ଶିଖିଲେ। ନିଜ ବୁଦ୍ଧି ବଳରେ ନିଜ ସ୍ୱାମୀଙ୍କୁ ବାଟକୁ ଆଣିଲେ। ଏକଥାଟି ଦର୍ଶାଇଛନ୍ତି ସ୍ରଷ୍ଟା 'ପେଟେଣ୍ଟ ମେଡ଼ିସିନ୍' ଗପରେ। ନିଶାଳୀ ସ୍ୱାମୀ ବାବୁ ଚନ୍ଦ୍ରମଣି। ପତ୍ନୀ ସୁଲୋଚନା ତାଙ୍କ ନିଶାରୋଗକୁ ଛାଞ୍ଚୁଣୀ ପାହାରରେ ଛଡ଼ାଇଲେ। ଏହାହିଁ ଗପଟିର ସାରକଥା।

ଫକୀରମୋହନଙ୍କ ଗଳ୍ପ ସଭ୍ୟଜମିଦାର। ଏଥିରେ ଲେଖକ ଇଂରାଜୀ ଶିକ୍ଷାର କୁ ପରିଣତିକୁ ଦେଖାଇ ଦେଇଛନ୍ତି।

କଲିକତା, ରୂପ ନଗରୀ, ବାହାର ଝିଅମାନେ, ଆସାମ ହେଉ ଅବା ଆଉ କୋଉ ରାଜ୍ୟରୁ ଆସନ୍ତୁ; କଲିକତାରେ ବିଲାତି ପାଠ ତାଙ୍କ ଆଖି ଖୋଲିଦିଏ। ରାଜୀବ ଲୋଚନ ବାବୁ ବହୁବର୍ଷ କଲିକତାରେ କଟାଇଲେ। ଓଡ଼ିଆ ଝିଅ ତାଙ୍କର ନାପସନ୍ଦ। ବିବାହ କାର୍ଯ୍ୟ ମଧ୍ୟସ୍ଥିଙ୍କର, ତାଙ୍କୁ ଦଲାଲ କହିଲେ ଚଳେ। ସତମିଛ କହନ୍ତି, ଆକାଶରୁ ତୋଳି ଆଣି ଥୁଅନ୍ତି, ବରପକ୍ଷ, କନ୍ୟାପକ୍ଷ ମନ ଭୁଲେଇ ଦିଅନ୍ତି। ଏମିତି ଜଣେ ଦଲାଲ, ରାଜୀବଙ୍କ ପାଇଁ ଆସାମୀ ଝିଅ ସ୍ଥିର କଲେ, ପିଲାଟା କଲିକତାରେ ବଢ଼ିଛି, ନାଆଁ ତା'ର ନୟନତାରା - ଦୁଃଖ ପାଶୋରା। କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା, ସ୍ୱେଚ୍ଛା ଚାରିଣୀ ବି। ସତେକି ସ୍ୱର୍ଗର ଦେବକନ୍ୟା! ତିଥି ଧରା ହେବନି, ଶଙ୍ଖୁଆ ଶଙ୍ଖ ଫୁଙ୍କା ଲୋଡ଼ା ନାହିଁ, ନାହକ, ବାରିକ, ପୁରୋହିତଙ୍କ ଲୋଡ଼ା ବା କ'ଣ? କନ୍ୟାକୁ ଦେଖି ରାଜିବ ଭୋଳ। ହାତରୁ ଗିଲାସ ଛଡ଼ା ନାହିଁ, ବିବାହର ଚାରିଦିନ ପୂର୍ବରୁ ବରକନ୍ୟା ମଧ୍ୟରେ ପୂର୍ବାଳାପ (କୋର୍ଟସିପ୍) ଚାଲିଛି। ବଗି ଚଢ଼ି କଲିକତାର କେତେ ଜାଗା ବୁଲୁଛନ୍ତି। ଓଡ଼ିଆଣୀ ତ ନୁହଁ, ଲାଜ ସରମ କାହୁଁ ଆସିବ? ସେ ସ୍କଟିସ ବ୍ୟାପଟିଷ୍ଟ ଅର୍ଫେନ ସ୍କୁଲ୍‌ରେ ପଢ଼ିଛି। ମିସ୍ ଡଗଲାସ୍ ମିଷ୍ଟ୍ରେସ୍। କନ୍ୟାଟି ବହୁତ ଇଂରାଜୀ ପଢ଼ିଲା, ବାପା ମା' ପାଖରେ ଢ଼େର ଇଂରାଜୀ କଥା କହେ, ମୋଜାବୁଣା ଦେଖାଏ, ଗୀତ ଗାଏ, ନାଚେ। ଖୁବ୍ ସ୍ୱାଧୀନା, ପୁରୁଷଗୁଡ଼ାକୁ ଖାତିର କରେନା, ଦୋସ୍ତିର ହାତ ବଢ଼େଇଦିଏ। ମା' ବାପା ମୁଣ୍ଡ ଉକୁଣି କାମୁଡ଼ିଲା, ଶେଷରେ ଦଲାଲ ସ୍ଥିର କରିଦେଲେ ତା' ବାହାଘର। ସଭ୍ୟ ଜମିଦାର ରାଜୀବ ଲୋଚନ ସହ ବିଭାଘର ହେଲା, ବିଦେଶୀ ଢାଞ୍ଚାରେ, କେତେ କେତେ ମଦମାଉଁସ, ପଲାଉ, ନଙ୍ଗୁଳୀ ଝିଏ ନାଚିଲେ, ମସ୍ତିଚାଲିଲା ସାରାରାତି।

ବିବାହରେ ଓଡ଼ିଆ ସଂସ୍କୃତିର ନାଆଁ ଗନ୍ଧ ନାହିଁ। ଆପଣା ମର୍ଜିରେ ନୂଆ ଜମିଦାର ରାଜୀବଲୋଚନ, ଜମିଦାରିଣୀ ନୟନତାରା ଦୁଃଖପାଶୋରା। ଗାଁକୁ ଆସିଲେ। ନୂଆକରି ବରକନ୍ୟା, ଘରକୁ ପଶିବେ, ଗାଁ ବୋହୂଝିଅ ବନ୍ଦାପନା ଥାଳି ସଜିଲ କରି ରଖିଥିଲେ। ଦୂବ, ଅରୁଆ ଚାଉଳ, ଘିଅଦୀପ, ସିନ୍ଦୂର। ଶଙ୍ଖୁଆ ଶଙ୍ଖ ଫୁଙ୍କିଲା, ଝିଅବୋହୂମାନେ ହୁଳହୁଳି ଦେଲେ, ରାଜୀବ ଏକଥା ଦେଖି ଭାରି ଖପା, ଏଗୁଡ଼ାକ ଖାଲି କୁସଂସ୍କାର, ଅସଭ୍ୟତା। ସମସ୍ତେ ତଟଙ୍ଗା। ଗାଁ ଭୁଆସୁଣୀଗୁଡ଼ା ଏସବୁ ଦେଖି ପୂରା ଛାନିଆ। ଡରରେ, ଘୃଣାରେ ଛାଡ଼ି ଯେଝା ଘରକୁ ଚାଲିଗଲେ। ନୂଆବୋହୂ ମୁଣ୍ଡରେ ଓଢ଼ଣୀ ନାହିଁ, ଲୁଗା ପିନ୍ଧାରେ ସଞ୍ଜତ ନାହିଁ, ଶାଶୁଙ୍କୁ ନମ୍ର ପ୍ରଣତି ନାହିଁ, ହାତଯୋଡ଼ି ନମସ୍କାର କଲା। ପୁରୁଣାକାଳିଆ ଶାଶୂ, "ଛୁଁ-ନା-ଛୁଁ-ନା-ଛୁନା-ଆରେ କିଏ ଅଛରେ, ମନ୍ଦିର ଅପ୍ରତିଷ୍ଠା ହେଲା, ବାହାର କରିଦଅରେ - ଏମିତି ରଡ଼ି ପକାଇଲେ। ବାବୁ ଖପାଟାଏ ହେଲେ, "ଅସଭ୍ୟତା, ଭାରି ମୂର୍ଖତା, କୁ ସଂସ୍କାର। ଓହେ! ଲେଡ଼ିକୁ ଇନ୍‌ସଲ୍‌ଟ।" ବୁଢ଼ୀ ସହି ପାରିଲାନି, ରାଧୀ ପୋଇଲୀକି ଧରି ପୁରୀ ଚାଲିଗଲା। ବୋହୂ ପାଇଁ ଏବେ ଆକଟ ନାହିଁ। କାଠଚୁଲି ରୋଷେଇ, ଗୋବର ପାଣିରେ ଲିପାପୋଛା, ତୁଳସୀ ଚଉଁରା ମୂଳେ ସଞ୍ଜବତୀ ଦେବା - କାହିଁରେ ତା' ମନ ନାହିଁ। ସବୁବେଳେ ମଉଜ, ବାବୁଙ୍କ ସହ ମସ୍ତି। ସୁରାପାନ ବି। ଶେଷରେ ବାଉନବାଟୀ ଚାଷ ଜମି, ମଈଁଷି, ଗାଈ, ସବୁ ସଫା। ବାବୁଙ୍କ ନିର୍ଦ୍ଦେଶରେ ଅଧିକ ଟଙ୍କା ଅମଲା ଆଦାୟ କଲେ, ପ୍ରଜାଏ ଏଡ଼ିଲେ। ବିବାହ ପାଇଁ ବାବୁ ଉଧାର କରିଥିଲେ ଦଶହଜାର, କଲିକତି ମହାଜନ ହେଣ୍ଡନୋଟ୍ ଲେଖେଇ ନେଇଥିଲା। ଡିଗ୍ରୀକରି ନିଲାମ ଉଠାଇଲା, କୁଲା ଛାଞ୍ଚୁଣୀ ଠାରୁ ଆରମ୍ଭ କରି ସ୍ଥାବର, ଅସ୍ଥାବର ନିଲାମ କରିଦେଲା। ସଭ୍ୟ ଜମିଦାର। ଅପସଂସ୍କୃତିକୁ ସଂସ୍କୃତି ମଣିଲେ। ଓଡ଼ିଶାର ମହାନ, ପବିତ୍ର ଜୀବଚର୍ଯ୍ୟା, ସମ୍ପୂର୍ଣ୍ଣ ଅଣଦେଖା କଲେ। ଇଂରାଜୀ ପାଠସିନା ପଢ଼ିଲେ, ଧାନ ତ ନୁହଁ ବହୁ ପିଲା ବାଲୁଙ୍ଗା ବାହାରିଲେ। ଯାବତୀୟ ବଦାଭ୍ୟାସ, ବାଇନାଚ, କ୍ଲବ୍‌ରେ ସୁରାପାନ; ଖାଲି ଟଙ୍କା ସାରିଲେ। ଅବସ୍ଥା ଅସମ୍ଭାଳ ହେଲା। ଶେଷରେ ବାପଅଜା କମେଇଥିବା ଅଚଳାଚଳ ସମ୍ପତ୍ତି ଗଲା। ଏଇମାନଙ୍କ ନୈତିକ ସ୍ଖଳନକୁ ଫକୀର ମୋହନ ଦେଖାଇ ଦେଲେ 'ସଭ୍ୟ ଜମିଦାର' ଗପଟିରେ। ଆପଣା ଅନୁଭୂତିକୁ ପୁଞ୍ଜିକରି ଲେଖିଥିଲେ, "କଲିକତା ଗୋଟାଏ ବିଚିତ୍ର ଜାଗା। ଟଙ୍କା କାଢ଼, ମା' ବାପ ଛଡ଼ା ସବୁ ମିଳିବ।" ଗପଟିରେ ଇଂରେଜ ପଢୁଆ ବାବୁ, ବାବୁଆଣୀଙ୍କ ଚାରିତ୍ରିକ ସ୍ଖଳନ ଦେଖାଇ ଦିଆଯାଇଛି।

ସମାଜଶିକ୍ଷା ଫକୀରମୋହନ, କୁ, ସୁ ମଧ୍ୟରେ ଥିବା ଫାଙ୍କ ଫରକକୁ ହୃଦୟଙ୍ଗମ କରିଛନ୍ତି। ବିଗଡ଼ା ସମାଜକୁ ସଜାଡ଼ିବାକୁ 'ବାର୍ତ୍ତା' ଦେଇଛନ୍ତି। ତାଙ୍କ ରଚିତ ପ୍ରତିଟି ଗଳ୍ପରେ ତାହା ପରିଲକ୍ଷିତ। ନାରୀଶିକ୍ଷାର ଦ୍ରୁତ ପ୍ରସାର ଏକ ସୁସ୍ଥ ସାମାଜିକ ପରମ୍ପରା ସୃଷ୍ଟି କରିବ - ଏହା ମଧ୍ୟ ସ୍ରଷ୍ଟା ଉଲ୍ଲେଖ କରିଛନ୍ତି। ନାରୀ ପାଠ ପଢୁ, ତା' ଜ୍ଞାନର ସୀମା ସରହଦ୍ ପରିବ୍ୟାପ୍ତ ହେଉ - ଏଇଟି ଫକୀରମୋହନଙ୍କ ଅସଲ ଉଦ୍ଦେଶ୍ୟ। ଝିଏ ପାଶ୍ଚାତ୍ୟ ଶିକ୍ଷା ଗ୍ରହଣ କଲେ। ଅନେକ ଭୁଲିଲେ ଆପଣା ସଂସ୍କାର ସଂସ୍କୃତିକୁ। ବ୍ୟଥିତ ଫକୀରମୋହନ। ତାହାକୁ ମଧ୍ୟ ଦର୍ଶାଇବାକୁ ସେ ଭୁଲି ନାହାନ୍ତି। ତାଙ୍କ 'ରେବତୀ'ଠାରୁ ଆରମ୍ଭ କରି 'ସଭ୍ୟ ଜମିଦାର' ଗପ - ସବୁଥିରେ ନାରୀଶିକ୍ଷା, ଚଳଣି, ଆଚାର, ବିଚାରର ଚିତ୍ର ଅତୀବ ମଞ୍ଜୁଳ। ଊନବିଂଶ ଶତାବ୍ଦୀର ନାରୀଶିକ୍ଷା ସମ୍ବନ୍ଧୀୟ ନାନାଦି ଚିତ୍ର ଗପଗୁଡ଼ିକରେ ସ୍ଥାନିତ। ପାଶ୍ଚାତ୍ୟ ଶିକ୍ଷାର ଅମୃତମୟ ଫଳ, ଏଥି ସହିତ ଏହାର ହଳାହଳ ଦିଗ- ଉଭୟକୁ ଫକୀର ମୋହନ ଦେଖାଇଦେଲେ ତାଙ୍କ ଗଳ୍ପ ସମୂହରେ। ଏହାର କଳା-ଚାତୁର୍ଯ୍ୟ ପାଠକଙ୍କୁ ବିହ୍ୱଳ କରେ। ସତରେ! ସେ କଥା ସାହିତ୍ୟ ସମ୍ରାଟ।

# ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ



ବିଶ୍ୱବିଜୟୀ ଦାଶ

ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଜଣେ ବିଶ୍ୱବନ୍ଦିତ ସନ୍ୟାସୀ ତଥା ଯୁବ ସମାଜର ସର୍ବକାଳୀନ ଆଦର୍ଶ ସ୍ୱାମୀ ବିବେକାନନ୍ଦ ଊନବିଂଶ ଶତାବ୍ଦୀରେ ଭାରତବର୍ଷର ନବଜାଗରଣର ଅନ୍ୟତମ ପ୍ରାଣପୁରୁଷ। ଯେତେବେଳେ ଭାରତୀୟ ଜନଜୀବନ ପରାଧିନତା ସାଙ୍ଗକୁ ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟଦେଇ ଗତି କରୁଥିଲା, ସେହି ସମୟରେ ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦ୍ୱାରା ସମଗ୍ର ବିଶ୍ୱ ହିନ୍ଦୁ ଧର୍ମ ତଥା ଭାରତବର୍ଷ ର ମହାନତା ସମ୍ପର୍କରେ ଅବଗତ ହୋଇଥିଲା। ଆନ୍ତର୍ଜାତିକ ଖ୍ୟାତି ଓ ସ୍ୱୀକୃତି ଦୃଷ୍ଟିରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ ମାଇଲ ଖୁଣ୍ଟ ଥିଲା ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖ। ସେହିଦିନ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ହୋଇଥିବା ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଯେଉଁ ମର୍ମସ୍ପର୍ଶୀ ଓ ହୃଦୟ ସ୍ପର୍ଶୀ ଉଦବୋଧନ ଦେଇଥିଲେ, ସେଥିରେ ଭରି ରହିଥିଲା ଆଧ୍ୟାତ୍ମିକତାର ତରଙ୍ଗ ଯାହାର କମ୍ପନ ପ୍ରତିଟି ଚେତନ ଯୁକ୍ତ ମନୁଷ୍ୟଙ୍କୁ ଆଜି ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପ୍ରେରଣା ପ୍ରଦାନ କରୁଛି।

ସେହି ମହାମାନବ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତାର ସିମିଳାପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ, ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଓ ମାତାଙ୍କ ନାମ ଭୁବନେଶ୍ୱରୀ ଦେବୀ। ତାଙ୍କ ପିତା ଜଣେ ବିଶିଷ୍ଟ ଓକିଲ ହୋଇଥିବା ସ୍ଥଳେ ମାତା ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ପିଲା ବେଳର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ, ଯିଏ ପରବର୍ତ୍ତୀ କାଳରେ ବିଶ୍ୱ ବରେଣ୍ୟ ଯୁଗାଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦ ହୋଇଥିଲେ।

କାଶୀର ବୀରେଶ୍ୱର ଶିବଙ୍କର ପ୍ରସନ୍ନତାରୁ ଏହି ପୁତ୍ର ଲାଭ ହୋଇଥିଲା, ତେଣୁ ନାମ ରଖାହେଲା ବୀରେଶ୍ୱର-ଡାକନାମ 'ବିଲେ'। ଅନ୍ନପ୍ରାଶନ ସମୟରେ ନାମ ଦିଆଗଲା ନରେନ୍ଦ୍ରନାଥ । ଶୈଶବରେ ବିଲେ ବଡ଼ ଅଶାନ୍ତ ଥିଲେ । ଭୁବନେଶ୍ୱରୀ ଦେବୀ ଦୁଃଖ କରି କହୁଥିଲେ, 'ଶିବଙ୍କୁ ଗୋଟିଏ ପୁଅ ମାଗିଥିଲି, ସେ ଗୋଟିଏ ଭୂତ ପଠାଇ ଦେଲେ ।' ମା' ଙ୍କଠାରୁ ରାମାୟଣ ମହାଭାରତ ଗଳ୍ପ ଶୁଣିବା ମାଧ୍ୟମରେ ବାଳକର ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା । ରାମସୀତାଙ୍କର ମୂର୍ତ୍ତିକୁ ପୁଷ୍ପମାଲ୍ୟରେ ସଜ୍ଜିତ କରିବାକୁ ବିଲେ ଖୁବ୍ ଭଲ ପାଉଥିଲେ । ସଙ୍ଗୀମାନଙ୍କୁ ନେଇ ଶିବମୂର୍ତ୍ତି ସମ୍ମୁଖରେ ବସି ଧ୍ୟାନ କରିବା ଥିଲା ବିଲେର ଅନ୍ୟତମ ପ୍ରିୟ ଖେଳ । ଦିନେ ଛାତଘରେ ଏହି ଧ୍ୟାନର ଖେଳ ଚାଲିଛି, ଏପରି ସମୟରେ ଗୋଟିଏ ଗୋଖର ସାପ ସେଠାରେ ଦେଖାଗଲା, ସଙ୍ଗୀମାନେ ସମସ୍ତେ ଦୌଡ଼ି ପଳାଇଲେ, କିନ୍ତୁ ବିଲେ ଗଭୀର ଧ୍ୟାନମଗ୍ନ । ଚାରିଆଡ଼େ ଚହଳ ପଡ଼ିଗଲା। ସାପଟି ଚାଲିଯିବା ପରେ ଧ୍ୟାନସ୍ଥ ବିଲେକୁ କୋଳ କରି ବାହାରକୁ ଅଣାଗଲା । ପରେ ପଚାରିବାରୁ ବିଲେ କହିଲା, 'ମୁଁ ତ କିଛି ଜାଣିନି ।' ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ନରେନ୍ ଧ୍ୟାନସିଦ୍ଧ ମହାପୁରୁଷ ।'

ଗରିବ ଦୁଃଖୀ ଓ ସାଧୁ ଫକିରଙ୍କ ଉପରେ ବାଳକ ନରେନ୍ଦ୍ରର ଖୁବ୍ ଦରଦ ଥିଲା । ଭିକ୍ଷା ପାଇଁ କେହି ଆସିଲେ ସେ ଚାଉଳ ଡାଲି, ପଇସା, କଉଡ଼ି ଯାହା ପାଏ, ତାହା ଆଣିଦିଏ, ଆଉ କିଛି ନ ପାଇଲେ ଖୋଲି ଦିଏ ନିଜର ପିନ୍ଧାଲୁଗା ଖଣ୍ଡିକ । ସର୍ବହରାମାନଙ୍କ ମୁହଁରେ ହସ ଦେଖି ତା'ର ପ୍ରାଣ ଅପରିସୀମ ତୃପ୍ତିରେ ଭରି ଉଠେ । ଜାତିଭେଦ ସମ୍ବନ୍ଧରେ ବାଳକ ନରେନ୍‌ର ବିଶେଷ କୌତୁହଳ । ବାପାଙ୍କ ବୈଠକଖାନାରେ ବିଭିନ୍ନ ଜାତିର ମହକିଲମାନଙ୍କର ଅଲଗା ଅଲଗା ହୁକ୍କାରେ ମୁହଁ ଲଗାଇ ଟାଣି ଟାଣି ଦେଖେ- ଜାତି କିପରି ଯାଏ । ଜଣେ ମୁସଲମାନ ମହକିଲ ଥରେ ଆଦର କରି ନରେନ୍‌କୁ ଭଲ ଭଲ ସନ୍ଦେଶ ଖୁଆଇ ଦେଲେ । ମା' ତାହା ଦେଖି କହିଲେ, 'ଅନ୍ୟ ଜାତିର ଛୁଆଁ ଖାଇଲେ ଜାତି ଯାଏ।' କିନ୍ତୁ ଜାତି କିପରି ଯାଏ, ତାହା ହିଁ ହେଲା ନରେନ୍‌ର ଚିନ୍ତାର ବିଷୟ ।

ଛ' ବର୍ଷ ବୟସରେ ସ୍କୁଲରେ ନରେନ୍ଦ୍ରଙ୍କର ନାମ ଲେଖା ହେଲା, କିନ୍ତୁ ସେ ଇଂରାଜୀ ପଢ଼ିବାକୁ ରାଜି ହେଲା ନାହିଁ। 'ସେ ତ ବିଦେଶୀ ଭାଷା, କାହିଁକି ପଢ଼ିବି ? ତା'ଠାରୁ ମାତୃଭାଷା ତ ଶିଖିବା ଭଲ ।'-ଏହା ଥିଲା ତାଙ୍କର କଥା । ଅନେକ ବୁଝାଇବା ପରେ କିଛି ମାସ ପରେ ନରେନ୍ଦ୍ର ଇଂରାଜୀ ପଢ଼ିବାକୁ ଆରମ୍ଭ କଲେ । ପ୍ରଖର ମେଧା, ଅଦ୍ଭୁତ ଧୀଶକ୍ତି ନେଇ ସେ ଜନ୍ମଗ୍ରହଣ କରିଥିଲେ । ଥରେ ଯାହା ପଢୁଥିଲେ କେବେ ତାହା ଭୁଲୁ ନ ଥିଲେ । ସ୍କୁଲର ପାଠ୍ୟ-ପ୍ରସ୍ତୁତି ପାଇଁ ତାଙ୍କୁ ଅତି ଅଳ୍ପ ସମୟ ଲାଗୁଥିଲା । ବାକି ସମୟତକ ଖେଳାଖେଳି, କୁସ୍ତି, ଆଖଡ଼ା, ପହଁରିବା ବା ଅଭିନୟ କରିବାରେ କିମ୍ବା କଳକବ୍‌ଜା ତିଆରି ଇତ୍ୟାଦିରେ କଟି ଯାଉଥିଲା । ନରେନ୍ଦ୍ର ଖୁବ୍ ଏକଜିଦିଆ ଓ ଦୁଷ୍ଟ ଥିଲେ। ଭୂତଭୟ, ବ୍ରହ୍ମଦୈତ୍ୟଭୟ, କୋକବାୟାଭୟ ଏସବୁ ହସି ଉଡ଼େଇ ଦେଉଥିଲେ । ଆମେରିକାରୁ ଫେରିବାପରେ ବିବେକାନନ୍ଦ ଦିନେ ଶିଷ୍ୟମାନଙ୍କୁ ହସି ହସି କହିଥିଲେ, 'ପିଲାଦିନେ ମୁଁ ଖୁବ୍ ଦୁଷ୍ଟ ଥିଲି। ତା ନ ହେଲେ ଏହି ଭାବରେ ଦୁନିଆସାରା ମୁଁ କଅଣ ଘୁରିଆସି ପାରିଥାନ୍ତି କିରେ ?' ବାଲ୍ୟକାଳରୁ ନରେନ୍ଦ୍ରଙ୍କର ସ୍ୱଭାବ ଥିଲା ଅତିଶୟ ନିର୍ମଳ । ପଢ଼ାପଢ଼ିରେ ତାଙ୍କର ବିଶେଷ ଅନୁରାଗ ଥିଲା । ସ୍କୁଲ ପାଠ୍ୟ ଛଡ଼ା ନାନା ବିଷୟ ପଢ଼ିବାକୁ ସେ ଭଲ ପାଉଥିଲେ। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା । ଏଣ୍ଟ୍ରାନ୍‌ସ ପାଶ୍ କରିବା ପୂର୍ବରୁ ସମୁଦାୟ ଭାରତର ଇତିହାସ ସେ ଆୟତ୍ତ କରିଥିଲେ । ସାହିତ୍ୟରେ ମଧ୍ୟ ତାଙ୍କର ବିଶେଷ ପ୍ରୀତି ଥିଲା ।

କଲେଜ୍‌ରେ ପ୍ରବେଶ କରି ନରେନ୍ଦ୍ରଙ୍କର ଜ୍ଞାନସ୍ପୃହା ବଢ଼ିଗଲା । ସେ ପାଶ୍ଚାତ୍ୟ ଦର୍ଶନ, ନ୍ୟାୟଶାସ୍ତ୍ର, ବୈଜ୍ଞାନିକ ଆବିଷ୍କାର ଓ ଦେଶବିଦେଶର ଇତିହାସ ପ୍ରଭୃତି ବିଶେଷ ଆଗ୍ରହ ସହକାରେ ପଢ଼ିବାକୁ ଲାଗିଲେ । ଶରୀରଚର୍ଚ୍ଚା ଏବଂ ସଙ୍ଗୀତରେ ମଧ୍ୟ ତାଙ୍କର ବିଶେଷ ଉତ୍ସାହ ଥିଲା । ଗଳିରେ ନବଗୋପାଳ ମିତ୍ରଙ୍କ ଆଖଡ଼ାରେ ନିୟମିତ କୁସ୍ତି, ଲାଠିଖେଳ ପ୍ରଭୃତି ଅଭ୍ୟାସ କରୁଥିଲେ।

ସ୍ୱାମୀ ଜୀ ପାଠପଢ଼ିବା ସମୟରେ ବ୍ରାହ୍ମସମାଜଭୁକ୍ତ ହୋଇ ନିୟମିତ ଉପାସନାରେ ଯୋଗ ଦେଉଥିଲେ । ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ । ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କଦ୍ୱାରା ସମ୍ପାଦିତ କରାଇଥିଲେ । ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦାରିଦ୍ର୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା । ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ। ମାତୃଭୂମିର ସ୍ୱର୍ଣ୍ଣିମ ଅତୀତକୁ ଫେରାଇ ଆଣିବା ପାଇଁ ୧୮୯୧ ଖ୍ରୀଷ୍ଟାବ୍ଦରେ ସନ୍ୟାସୀ ଭ୍ରାତା ମାନଙ୍କ ସଙ୍ଗ ପରିତ୍ୟାଗ କରି ଏକାକୀ ଈଶ୍ୱରଙ୍କ ଶରଣାପନ୍ନ ହୋଇ ଭାରତର ବିଭିନ୍ନ ସ୍ଥାନ ପଦବ୍ରଜରେ ପରିଭ୍ରମଣ କରି ୧୮୯୨ ମସିହା ଡ଼ିସେମ୍ବର ୨୫ ରୁ ୨୭ ତାରିଖ ଦିନ କନ୍ୟାକୁମାରୀ ଠାରେ ଭାରତ ମହାସାଗର ମଧ୍ୟରେ ଏକ ଶିଳାଖଣ୍ଡ ଉପରେ ବସି ଗଭୀର ଭାବରେ ଧ୍ୟାନମଗ୍ନ ହୋଇଥିଲେ। 'ଭାରତମାତା'ଙ୍କୁ ଧ୍ୟାନ କରି ସ୍ୱାମୀ ବିବେକାନନ୍ଦ ଧ୍ୟାନ ଚକ୍ଷୁରେ ଦେଖିଥିଲେ ଭାରତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ସେହି ସମୟରେ ସତେ ଯେପରି ସାଗର ଉପରେ ବିଚରଣ କରି ଗୁରୁ ଶ୍ରୀ ରାମକୃଷ୍ଣ ତାଙ୍କୁ ଆହ୍ୱାନ ଦେଇ କହୁଛନ୍ତି ଯା ଲଙ୍ଘିଯା ଏ ସମୁଦ୍ର ଦୂର ଦେଶେ ଯାଇ ଭାରତର ବାର୍ତ୍ତା ପହଞ୍ଚାଇ ଦେ। ଧ୍ୟାନମଗ୍ନ ହେଲା ପରେ ସ୍ୱାମୀ ବିବେକାନନ୍ଦ ଭାରତର ପ୍ରତିନିଧି ହିସାବରେ ଯିବାକୁ ମନସ୍ଥ କରି କଲିକତାକୁ ଫେରି ଆସିଥିଲେ। ତାଙ୍କର ଏହି ଇଚ୍ଛା ଦୈବନିର୍ଦ୍ଦିଷ୍ଟ ବୋଲି ଇଙ୍ଗିତ ପାଇବା ପରେ ସ୍ୱାମୀଜୀ ବିଦେଶ ଯିବା ନିମନ୍ତେ ସ୍ଥିର କରି ଯୁବକ ଶିଷ୍ୟ ମାନଙ୍କ ଦ୍ୱାରା ଉପଲବ୍ଧ କିଛି ଅର୍ଥ ଏବଂ ମହୀଶୂର, ରାମନାଦ ଓ ଖେତଡ଼ିର ମହାରାଜାଙ୍କ ଦିଆଯାଇଥିବା ଆର୍ଥିକ ସହାୟତା ନେଇ ସ୍ୱାମୀ ବିବେକାନନ୍ଦ ୧୮୯୩ ମସିହା ମେ' ମାସ ୩୧ ତାରିଖ ଦିନ ବମ୍ବେ ଠାରୁ ପେନିନସୁଲାର ଜାହାଜ ସାହାଯ୍ୟରେ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

ଚିକାଗୋରେ ଅନୁଷ୍ଠିତ ଧର୍ମସଭାର ପ୍ରଥମ ଅଧିବେଶନ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖ ସୋମବାର ଦିନ ଆର୍ଟ ଇନଷ୍ଟିଚ୍ୟୁଟର ପ୍ରଶସ୍ତ ସଭାଗୃହ କଲମ୍ବସ ହଲ୍‌ରେ ହୋଇଥିଲା ଆବାହନ ପ୍ରାର୍ଥନା ସଙ୍ଗୀତ ଦ୍ୱାରା ୪୦୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ସମାବେଶରେ ଉଦଘାଟିତ ହୋଇଥିଲା। ସେଦିନର ସଭା ଅଧକ୍ଷ ପ୍ରତିନିଧିମାନଙ୍କର ପରିଚୟ ପ୍ରଦାନ କରିବା ପରେ ଅନ୍ୟ ଧର୍ମର ପ୍ରତିନିଧି ମାନେ ଲିଖିତ ଅଭିଭାଷଣ ପାଠ କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ତାଙ୍କର ଅଭିଭାଷଣ ନିଜ ମୁଖରେ କହିଥିଲେ। ଅଧିବେଶନରେ ଉଦ୍ଦିଷ୍ଟ ମଞ୍ଚ ଉପରେ ଠିଆ ହୋଇ ମନେ ମନେ ମା' ସରସ୍ୱତୀଙ୍କୁ ପ୍ରଣାମ ଜଣାଇ ପ୍ରଥମେ ଜଣାଇଥିଲେ ସମ୍ବୋଧନ। ହେ ମୋର ଆମେରିକାବାସୀ ଭଗିନୀ ଓ ଭ୍ରାତୃଗଣ, ଏତିକି ସଭାଗୃହରେ ଏକ ଅପୂର୍ବ ଉନ୍ମାଦନାର ଲହରୀ ଶ୍ରୋତାମାନଙ୍କ ମଧ୍ୟରେ ସଂଚରିତ ହୋଇଥିଲା ଏବଂ ସମସ୍ତ ଜନ ଗଣ ଆନନ୍ଦରେ ଦୁଇ ମିନିଟ କରତାଳି ପ୍ରଦାନ କରିଥିଲେ। ସ୍ୱାମୀଜୀ ତାଙ୍କର ଉଦବୋଧନରେ ବିଶ୍ୱ ଭ୍ରାତୃତ୍ୱର 'ଆତ୍ମୀୟତା'କୁ ପ୍ରାଧାନ୍ୟ ଦେବାରୁ ଶ୍ରୋତାମାନଙ୍କ ହୃଦୟର ଗଭୀରତମ ସୂତ୍ରଟିକୁ ସ୍ପର୍ଶ କରିଥିଲା। କରତାଳି ସମାପ୍ତ ହେବା ପରେ ସ୍ୱାମୀଜୀ ସଂକ୍ଷିପ୍ତ ବକ୍ତୃତା ପ୍ରଦାନ କରିଥିଲେ।

ପ୍ରଥମ ଦିନ ସ୍ୱାମୀଜୀ ନିଜ ଅଭିଭାଷଣରେ କହିଥିଲେ ଯେଉଁ ଧର୍ମ ଜଗତକୁ ଆବାହମାନ କାଳରୁ ପରମ ସହିଷ୍ଣୁତା ଓ ସର୍ବବିଧିମତ ସ୍ୱୀକାର କରିବାକୁ ଶିକ୍ଷା ଦେଇ ଆସୁଛି, ମୁଁ ସେହି ଧର୍ମଭୂକ୍ତ ବୋଲି ନିଜକୁ ଗୌରବାନ୍ୱିତ ମନେକରେ।

ସେପ୍ଟେମ୍ବର ୧୫ ତାରିଖ 'ଭାତୃଭାବ' ପ୍ରସଙ୍ଗରେ କହିଥିଲେ ମୁଁ ଜଣେ ହିନ୍ଦୁ, ମୁଁ ଜଣେ ବୌଦ୍ଧ, ମୁଁ ଜଣେ ମୁସଲମାନ ଏପରି ନ ଭାବି ମୁଁ ଜଣେ ମନୁଷ୍ୟ ବୋଲି ଭାବିବା ଉଚିତ। ଧର୍ମସଭାର ବିଦାୟୀ ଭାଷଣ ଥିଲା ସେପ୍ଟେମ୍ବର ୨୭ ତାରିଖ। ସେଦିନର ବିଷୟ ବସ୍ତୁ ଥିଲା 'ବୌଦ୍ଧଧର୍ମ ସହିତ ହିନ୍ଦୁଧର୍ମର ସଂପର୍କ'।ସ୍ୱାମୀଜୀ କହିଥିଲେ, ହେ ବୌଦ୍ଧଗଣ, ବୌଦ୍ଧଧର୍ମ ବ୍ୟତୀତ ହିନ୍ଦୁ ଧର୍ମ ବଞ୍ଚିପାରେନା, ଠିକ୍ ସେହିପରି ହିନ୍ଦୁ ଧର୍ମକୁ ଛାଡ଼ି ବୌଦ୍ଧ ଧର୍ମ ବଞ୍ଚିପାରେ ନାହିଁ। ଏହାରି ଉପରେ ସ୍ୱାମୀଜୀ ବକ୍ତୃତା ରଖିଥିଲେ। ତେବେ ଏହି ୧୭ ଦିନ ଧରି ସାମଗ୍ରିକ ଭାଷଣ ଦେଇ ସମସ୍ତଙ୍କ ହୃଦୟକୁ ଜୟ କରିପାରିଥିଲେ ସ୍ୱାମୀ ବିବେକାନନ୍ଦ। ତାଙ୍କର ସମସ୍ତ ବକ୍ତୃତା ଅଗ୍ନିଶିଖା ସଦୃଶ ଥିଲା, ଯାହାକି ଶ୍ରୋତାମାନଙ୍କର ହୃଦୟକୁ ଛୁଇଁପାରୁଥିଲା। ସେହି ଶ୍ରେଷ୍ଠ ପୁରୁଷ, ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ୱାମୀ ବିବେକାନନ୍ଦ ଜୀ ୧୯୦୨ ମସିହା ଜୁଲାଇ ୪ ତାରିଖରେ ସମଗ୍ର ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ। ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ଦେବଜିତ୍ ସାଇକିଆ ବିସିସିଆଇର ନୂଆ ସଚିବ ନିଯୁକ୍ତ



**ମୁମ୍ବାଇ**

ଜୟ ଶାହା ଆଇସିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୟ ଶାହା ବିସିସିଆଇ ସମ୍ପାଦକ ଥିବା ସମୟରେ ଅନେକ ବଡ଼ ନିଷ୍ପତ୍ତି ନେଇଥିଲେ। ତେବେ ସେ ଆଇସିସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିସିସିଆଇର ସଚିବ ପଦ ଖାଲି ଥିଲା। ଏବେ ବିସିସିଆଇ ଏହି ପଦ ପାଇଁ ଜଣେ ଅଭିଜ୍ଞଙ୍କୁ ଚୟନ କରିଛି। ଜୟ ଶାହାଙ୍କ ସ୍ଥାନରେ ଆସାମର ପୂର୍ବତନ କ୍ରିକେଟର ଦେବଜିତ୍ ସାଇକିଆଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

ରବିବାର ବିସିସିଆଇର ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆ ସମ୍ପାଦକ ଚୟନ କରାଯାଇଥିଲା। ଏହି ବୈଠକରେ ପ୍ରଭତେଜ ସିଂ ଭାଟିଆ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଭୟଙ୍କୁ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମନୋନୀତ କରାଯାଇଥିଲା। ଜୟ ଶାହା ଆଇସିସି ଅଧ୍ୟକ୍ଷ ହେବା ପରେ ସାଇକିଆଙ୍କୁ ବିସିସିଆଇର କାର୍ଯ୍ୟକାରୀ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନର ବିସିସିଆଇ ସଭାପତି ରୋଜର ବିନ୍ନି ତାଙ୍କ କ୍ଷମତାର ବ୍ୟବହାର କରି ସାଇକିଆଙ୍କୁ ସଚିବ ପଦ ପ୍ରଦାନ କରିଛନ୍ତି।

ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଭାବେ ସାଇକିଆ ୧୯୯୦ରୁ ୧୯୯୧ ମଧ୍ୟରେ ୪ଟି ମ୍ୟାଚ୍ ଖେଳି ୱିକେଟରକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେ ମଧ୍ୟ ଜଣେ ସଫଳ ଆଇନଜୀବୀ ଭାବେ ପରିଚିତ। ସେ ଆସାମର ଆଡ୍‌ଭୋକେଟ୍ ଜେନେରାଲ ମଧ୍ୟ ରହିଥିଲେ। ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଭାବେ ସାଇକିଆ ୧୯୯୦ରୁ ୧୯୯୧ ମଧ୍ୟରେ ୪ଟି ମ୍ୟାଚ୍ ଖେଳି ୱିକେଟରକ୍ଷକ ଦାୟିତ୍ୱ ତୁଲାଇଥିଲେ। ଯଦିଓ ତାଙ୍କ କ୍ରିକେଟ୍ କ୍ୟାରିୟର ଅପେକ୍ଷାକୃତ ଛୋଟ ଥିଲା, ତଥାପି ସେ ୫୩ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ ଏବଂ ୱିକେଟ ପଛରେ ୯ ଟି ଆଉଟ୍ କରିବାରେ ସଫଳ ହୋଇଥିଲେ। ସେ ମଧ୍ୟ ଜଣେ ସଫଳ ଆଇନଜୀବୀ ଭାବେ ପରିଚିତ। ସେ ଆସାମର ଆଡ୍‌ଭୋକେଟ୍ ଜେନେରାଲ ମଧ୍ୟ ରହିଥିଲେ।

## ଘୋଷଣା ହେଲା ଇଂଲଣ୍ଡ ଶୃଙ୍ଖଳା ପାଇଁ ଭାରତୀୟ ଦଳ

# ୧୪ ମାସ ପରେ ଫେରିଲେ ସାମି, ସୂର୍ଯ୍ୟଙ୍କ ଉପଅଧିନାୟକ ହେଲେ ଅକ୍ଷର ପଟେଲ୍




**ମୁମ୍ବାଇ**

ଇଂଲଣ୍ଡ୍ ବିପକ୍ଷରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଏହି ଦଳକୁ ୧୪ ମାସ ପରେ ଫେରିଛନ୍ତି ଦ୍ରୁତ ବୋଲର ମହମ୍ମଦ ସାମି। ସାମି ଶେଷ ଥର ପାଇଁ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ଖେଳିବା ପରଠାରୁ ଆହତ କାରଣରୁ ଦଳଠାରୁ ଦୂରେଇ ରହିଥିଲେ। ଆହତ କାରଣରୁ ଯଶପ୍ରୀତ ବୁମ୍ରାଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଗତବର୍ଷର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ଦଳର ୱିକେଟ୍‌ରକ୍ଷକ ଋଷଭ ପନ୍ତଙ୍କୁ ସ୍ଥାନ ମିଳିନଥିବାବେଳେ ଏହି ଦାୟିତ୍ୱ ସଂଜୁ ସାମସନ୍ ଓ ଧ୍ରୁବ ଜୁରେଲଙ୍କୁ ଦିଆଯାଇଛି। ଗତ ନଭେମ୍ବର ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩-୧ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଦଳରୁ ରମଣଦୀପ ସିଂହ, ଜିତେଶ ଶର୍ମା, ଆଭେସ ଖାନ୍, ଯାଶ ଦୟାଲ ଓ ବିଜୟ କୁମାର ବେଶାକ ବାଦ୍ ପଡ଼ିଛନ୍ତି। ସାମି ଗତ ନଭେମ୍ବର ମାସରେ ଘରୋଇ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରି ବେଙ୍ଗଲ ପାଇଁ ସୟଦ ମୁସ୍ତାକ ଅଲୀ ଓ ବିଜୟ ହଜାର ଟ୍ରଫିରେ ଖେଳିଥିଲେ।

ଭାରତୀୟ ଦଳ ଚଳିତ ଜାନୁଆରୀ ୨୨ରେ କୋଲକାତାରେ ପ୍ରଥମ ମ୍ୟାଚ୍ ଖେଳିବା ପରେ ଚେନ୍ନାଇ (ଜାନୁଆରୀ ୨୫), ରାଜକୋଟ (ଜାନୁଆରୀ ୨୮), ପୁନେ (ଜାନୁଆରୀ ୩୧) ଏବଂ ମୁମ୍ବାଇ (ଫେବୃୟାରୀ ୨)ରେ ପରବର୍ତ୍ତୀ ୪ ମ୍ୟାଚ୍ ଖେଳିବ। ଏହା ପରେ ଇଂଲଣ୍ଡ ଦଳ ନାଗପୁର (ଫେବୃୟାରୀ ୬), କଟକ (ଫେବୃୟାରୀ ୯), ଅହମଦାବାଦ (ଫେବୃୟାରୀ ୧୨)ରେ ୩ଟି ଦିନିକିଆ ଖେଳି ଚାମ୍ପିଅନ୍ସ ଟ୍ରଫି ପ୍ରସ୍ତୁତିରେ ଶେଷ ସ୍ପର୍ଶ ଦେବ। ଫେବୃୟାରୀ ୨୫ରୁ ପାକିସ୍ତାନ ଓ ଦୁବାଇରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଖେଳାଯିବ। ଚଳିତ ଜାନୁଆରୀ ୧୨ ତାରିଖ ଭିତରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦିନିକିଆ ଦଳ ଘୋଷଣାର ଶେଷ ତାରିଖ ଥିଲେ ମଧ୍ୟ ଏହା କରାଯାଇନାହିଁ।

ଭାରତୀୟ ଟ୍ୱେଣ୍ଟି-୨୦ ଦଳ : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ସଂଜୁ ସାମ୍‌ସନ୍ (ୱିକେଟରକ୍ଷକ), ଅଭିଷେକ ଶର୍ମା, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ୍ (ଉପଅଧିନାୟକ), ହର୍ଷିତ ରାଣା, ଅର୍ଶଦୀପ ସିଂହ, ମହମ୍ମଦ ସାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ୍ ସୁନ୍ଦର, ଧ୍ରୁବ ଜୁରେଲ (ୱିକେଟ୍‌ରକ୍ଷକ)।

# ଫେବୃୟାରୀ ୨୦ରୁ ୨୩ ଜାତୀୟ କବାଡ଼ି ପ୍ରତିଯୋଗିତା




**କଟକ, ନ୍ୟୁଜ୍‌ବ୍ୟୁରୋ**

ଫେବୃୟାରୀ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ କଟକ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି ୭୧ତମ ଜାତୀୟ କବାଡ଼ି ପ୍ରତିଯୋଗିତା। ଭାରତୀୟ କବାଡ଼ି ମହାସଂଘର ଅନୁମୋଦନକ୍ରମେ ପ୍ରଥମ ଥର ପାଇଁ ଓଡ଼ିଶା କବାଡ଼ି ଆସୋସିଏସନ୍ ଆସନ୍ତା ଫେବୃୟାରୀ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ପାଇଁ ଓଡ଼ିଶା କବାଡି ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶା ସରକାର ଏବଂ ରୁଚି କମ୍ପାନୀର ମିଳିତ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଭାରତର ୨୮ଟି ରାଜ୍ୟରୁ ୩୫ଟି ଦଳରୁ ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ପ୍ରତିଯୋଗିତାରେ ଯୋଗଦେବେ। ଏମାନଙ୍କ ମଧ୍ୟରେ ବହୁ ଜାତୀୟ ଅନ୍ତର୍ଜାତୀୟ ଖେଳାଳି ଏବଂ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍‌ମାନେ ଉପସ୍ଥିତ ରହିବେ। ୨୦୧୭ ମସିହାରେ ଓଡ଼ିଶା କବାଡି ଆସୋସିଏସନ୍ ସଫଳତାର ସହ ୪୪ତମ ଜାତୀୟ ଜୁନିଅର କବାଡ଼ି ପ୍ରତିଯୋଗିତା ଆୟୋଜନ କରିଥିଲା। ଏହାକୁ ଦୃଷ୍ଟିରେ ରଖି କବାଡ଼ି ମହାସଂଘ ଚଳିତ ବର୍ଷ ଓଡ଼ିଶାକୁ ୭୧ତମ ସିନିୟର ଜାତୀୟ ପୁରୁଷ କବାଡ଼ି ଆୟୋଜନ ପାଇଁ ସୁଯୋଗ ଦେଇଛି। ତେଣୁ ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଓଡ଼ିଶା କବାଡ଼ି ଆସୋସିଏସନ୍ ପକ୍ଷରୁ ରବିବାର ବାରବାଟୀ ଷ୍ଟାଡିୟମଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରାଯାଇଛି। ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରତିଯୋଗିତାର ଥିମ୍ ସଙ୍ଗ୍ ଉନ୍ମୋଚିତ ହୋଇଛି।

# ବଦଳିଲା ଆଇପିଏଲ୍ ତାରିଖ : ବିଳମ୍ବରେ ଆରମ୍ଭ ହେବ ଟୁର୍ଣ୍ଣାମେଣ୍ଟ



**ନୂଆଦିଲ୍ଲୀ**

ଆଇପିଏଲ-୨୦୨୫ ମାର୍ଚ୍ଚ ୧୪ରୁ ଆରମ୍ଭ ହେବାର ଥିଲା। କିନ୍ତୁ ଏବେ ଟୁର୍ଣ୍ଣାମେଣ୍ଟ ବିଳମ୍ବରେ ଆରମ୍ଭ ହେବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି ଯେ ଆଇପିଏଲର ପରବର୍ତ୍ତୀ ସିଜିନର ତାରିଖ ପରିବର୍ତ୍ତନ କରାଯାଇଛି। ଏବେ ଆଇପିଏଲ-୨୦୨୫ ମାର୍ଚ୍ଚ ୨୩ରୁ ଆରମ୍ଭ ହେବ। କିନ୍ତୁ ପ୍ଲେଅଫ୍ ଏବଂ ଫାଇନାଲ୍ ମ୍ୟାଚ୍‌ର ତାରିଖ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ। ଆଇପିଏଲର ନୂତନ କାର୍ଯ୍ୟସୂଚୀ ଉପରେ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ।

ନିକଟରେ ଏହାର ମୁମ୍ବାଇ ମୁଖ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏବେ ପରବର୍ତ୍ତୀ ବୈଠକ ୧୮ କିମ୍ବା ୧୯ ଜାନୁଆରୀରେ ହୋଇପାରେ। ଏଥିରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆର ଦଳ ଚୂଡ଼ାନ୍ତ ହେବ। ଏହା ସହିତ, ଆଇପିଏଲ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ। ଇଣ୍ଡିଆ ଟୁଡେର ଖବର ଅନୁଯାୟୀ, ବର୍ତ୍ତମାନ ଆଇପିଏଲ ୨୦୨୫ର ତାରିଖ ୨୩ ମାର୍ଚ୍ଚକୁ ପରିବର୍ତ୍ତନ କରାଯାଇଛି। ଟୁର୍ଣ୍ଣାମେଣ୍ଟ ଏବେ ଟିକିଏ ବିଳମ୍ବରେ ଆରମ୍ଭ ହେବ।

ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୯ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମାର୍ଚ୍ଚ ୪ରେ ଏବଂ ଦ୍ୱିତୀୟ ସେମିଫାଇନାଲ ମାର୍ଚ୍ଚ ୫ରେ ଖେଳାଯିବ। ଏହାର ତୁରନ୍ତ ପରେ, ୧୪ ମାର୍ଚ୍ଚରୁ ଆଇପିଏଲ ଆରମ୍ଭ ହେବାକୁ ଯାଉଥିଲା। ଏହି କାରଣରୁ ଖେଳାଳିମାନଙ୍କୁ ଅଧିକ ବିରତି ମିଳେ ନାହିଁ। ଚାମ୍ପିଅନ୍ସ ଟ୍ରଫି ପାଇଁ ମାର୍ଚ୍ଚ ମାସରେ ପାକିସ୍ତାନ ଏବଂ ୟୁଏଇରେ ଅନୁଷ୍ଠିତ ହେବାକୁ ଥିବା ଆଇପିଏଲରେ ଅନେକ ବିଦେଶୀ ଖେଳାଳି ମଧ୍ୟ ଅଂଶଗ୍ରହଣ କରିବେ। ତେଣୁ ସେମାନେ ବିଶ୍ରାମ ପାଇ ପାରନ୍ତି ନାହିଁ।

ଆଇପିଏଲର ଆରମ୍ଭ ତାରିଖ କାହିଁକି ପରିବର୍ତ୍ତନ କରାଯାଇଛି ସେ ବିଷୟରେ କୌଣସି ସରକାରୀ ସୂଚନା ନାହିଁ। ଆଇପିଏଲ-୨୦୨୫ର କାର୍ଯ୍ୟସୂଚୀ ମଧ୍ୟ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। କିନ୍ତୁ ଏ ସମ୍ପର୍କରେ ଏକ ଅପଡେଟ୍ ଖୁବ୍ ଶୀଘ୍ର ମିଳିପାରିବ। ଏଥିରେ ଋଷଭ ପନ୍ତ ସବୁଠାରୁ ମହଙ୍ଗା ଖେଳାଳି ଭାବରେ ବିକ୍ରି ହୋଇଥିଲେ। ପନ୍ତଙ୍କୁ ଲକ୍ଷ୍ନୌ ସୁପରଜାଏଣ୍ଟ ୨୭ କୋଟି ଟଙ୍କାରେ କିଣିଛି।

# ଜାତୀୟ ମହିଳା ଭାରୋତ୍ତୋଳନ : ମୀନା, ରୀମା, ବିଦ୍ୟୁସ୍ମିତାଙ୍କୁ ସ୍ୱର୍ଣ୍ଣ



**ବ୍ରହ୍ମପୁର**

ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଚାଲିଥିବା ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାର ତୃତୀୟ ଦିନରେ ପଦକର ବର୍ଷା କରିଛନ୍ତି ଓଡ଼ିଶାର ଭାରୋତ୍ତୋଳକ। ତୃତୀୟ ଦିନରେ ତିନିଟି ବର୍ଗ ଯଥା ୫୯ କିଲୋ, ୬୪ କିଲୋ, ୭୧ କିଲୋ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ସେଥିରୁ ଓଡ଼ିଶା ତିନିଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ତିନିଟି କାଂସ୍ୟ ପଦକ ହାସଲ କରିଛି।

୫୯ କିଲୋ କନିଷ୍ଠ ବର୍ଗରେ ଓଡ଼ିଶାର ବିଦ୍ୟୁସ୍ମିତା ଭୋଇଙ୍କ ମୋଟ ୧୮୯ (ସ୍ନାଚ୍‌ରେ ୮୪ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୫) ସ୍ୱର୍ଣ୍ଣ, ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ମୋଟ ୧୮୮ (ସ୍ନାଚ୍‌ରେ ୮୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୩) ରୌପ୍ୟ ଓ ଓଡ଼ିଶାର ମୀନା ସାନ୍ତା (ବି) ମୋଟ ୧୫୭ (ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭) ଭାର ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି। ଯୁବବର୍ଗରେ ମୀନା ସାନ୍ତା (ବି) ମୋଟ ୧୫୭ (ସ୍ନାଚ୍‌ରେ ୭୦ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୭)ଙ୍କୁ ସ୍ୱର୍ଣ୍ଣ, ଝାଡ଼ଖଣ୍ଡର ସୀମା ମାରାଣ୍ଡି ମୋଟ ୧୪୭ (ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୧)ଙ୍କୁ ରୌପ୍ୟ, ହରିୟାଣାର ଆରତିଙ୍କୁ ମୋଟ ୧୪୬ (ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୮୦) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବରିଷ୍ଠରେ ଓଡ଼ିଶାର ରୀମା ଭୋଇ ମୋଟ ୧୯୨ (ସ୍ନାଚ୍‌ରେ ୮୨ ଓ କ୍ଲିନ ଆଣ୍ଡ ଜର୍କରେ ୧୧୦) ସ୍ୱର୍ଣ୍ଣ, ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ମୋଟ ୧୮୮ (ସ୍ନାଚ୍‌ରେ ୮୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୩)ଙ୍କୁ ରୌପ୍ୟ ଓ ମୀନା ସାନ୍ତା ମୋଟ ୧୫୭ (ସ୍ନାଚ୍‌ରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭)ରେ ବ୍ରୋଞ୍ଜପଦକ ହାସଲ କରିଛନ୍ତି। ସେହିପରି ୬୪ କିଲୋ ବର୍ଗର ବରିଷ୍ଠରେ ଛତିଶଗଡ଼ର ସୋନାଲି ଯାଦବ ମୋଟ ୧୮୩ (ସ୍ନାଚ୍‌ରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୨)ଙ୍କୁ ସ୍ୱର୍ଣ୍ଣ, ଗୋଆର ହିମାଲି କାମ୍ବଲେ ମୋଟ ୧୮୦ କିଲୋ (ସ୍ନାଚ୍‌ରେ ୭୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୫)ରୌପ୍ୟ, ଓଡ଼ିଶାର ଅପରାଜିତା ଭୂୟାଁ ମୋଟ ୧୭୨ (ସ୍ନାଚ୍‌ରେ ୭୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୬)ଙ୍କୁ ବ୍ରୋଞ୍ଜପଦକ ମିଳିଛି। କନିଷ୍ଠ ବର୍ଗରେ ମହାରାଷ୍ଟ୍ରର ମାହି ମହେନ୍ଦ୍ର ଭାବୁଲକର ମୋଟ ୧୬୧ (ସ୍ନାଚ୍‌ରେ ୭୫ ଓ କ୍ଲିନ ଆଣ୍ଡ ଜର୍କରେ ୮୬), ଓଡ଼ିଶାର ଟିକିମୋହିନି ମଲ୍ଲିକ ମୋଟ ୧୫୬ (ସ୍ନାଚ୍‌ରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୮୫) ଓ ତାମିଲନାଡୁର ଭରଣୀ ପ୍ରିୟା ମୋଟ ୧୪୭ (ସ୍ନାଚ୍‌ରେ ୬୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୨) କିଲୋଗ୍ରାମ ଭାର ଉଠାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଯୁବ ବର୍ଗରେ ମହାରାଷ୍ଟ୍ରର ରତିକା ଚିଞ୍ଚୱାଡ଼େ ମୋଟ ୧୫୮ (ସ୍ନାଚ୍‌ରେ ୭୨ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୬) ଭାର ଉଠାଇ ସ୍ୱର୍ଣ୍ଣ, ଓଡ଼ିଶାର ଟିକିମୋହନ ମଲ୍ଲିକ ମୋଟ ୧୫୬ (ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୫)ରେ ରୌପ୍ୟ, ରୋମାଲି ପ୍ରଧାନ ୧୪୫ (ସ୍ନାଚ୍‌ରେ ୬୩ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୨)ଙ୍କୁ ବ୍ରୋଞ୍ଜ୍ ପଦକ ମିଳିଛି।

# ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ : ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ

## ଖୋର୍ଦ୍ଧାରେ ୫୦ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବ ମିନି ଷ୍ଟାଡିୟମ୍ ଏବଂ କ୍ରିକେଟ ଏକାଡ଼େମୀ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ଦୀର୍ଘ ୮ଦିନ ଧରି ଚାଲିଥିବା ଗିନି କପ୍ କ୍ରିକେଟ ଉଦ୍‌ଯାପନ ହୋଇଯାଇଛି। ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚଳିତ ବର୍ଷର ଗିନି କପ୍ ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଖୋର୍ଦ୍ଧା ଏବଂ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ଆୟୋଜିତ ହୋଇଥିଲା। ଏହି ଖେଳକୁ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨୫ ବଲ୍‌ରେ ୪୨ ରନ ସଂଗ୍ରହ ଏବଂ ଆରାୟଶ୍ରୀ ଦେବାଶିଷ ଭଞ୍ଜ ୧୯ ବଲରେ ୨୫ ରନ ସଂଗ୍ରହ କରିଥିଲେ। ୧୫୮ ରନ୍‌ର ପିଛା କରି ସୋଲାର କ୍ଲବ୍ କଟକ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୦୬ ରନ ସଂଗ୍ରହ କରିଥିଲେ। ଫଳରେ ଏହି ମ୍ୟାଚ୍‌କୁ ଖୋର୍ଦ୍ଧା ଦଳ ୫୧ ରନ୍‌ରେ ଜିତି ନେଇଥିଲା। କଟକ ଦଳ ପକ୍ଷରୁ ପ୍ରଦୀପ୍ତ କୁମାର ଦାସ ୨୯ଟି ବଲ୍ ଖେଳି ୨୮ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଫାଇନାଲ ଭାବେ ରାକେଶ କୁମାର ପଟ୍ଟନାୟକ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ୫୦୦୦ ଟଙ୍କା ଚେକ୍, ଟ୍ରଫି ଏବଂ ଟାଇମେକ୍ସ ୱାର୍ଲ୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ୍ ପାଇଥିଲେ।

ସେହିଭଳି ସମସ୍ତ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଟୁର୍ଣ୍ଣମେଣ୍ଟ ଭାବେ ପ୍ରଦୀପ୍ତ କୁମାର ଦାସଙ୍କୁ ୧୦୦୦୦ ଟଙ୍କାର ଚେକ୍ ଓ ଟ୍ରଫି ସହ ଟାଇମେକ୍ସ ୱାଲର୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ୍ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଡିଷ୍ଟ କ୍ରିକେଟ ଆସୋସିଏସନର କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥିରୂପେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ବିଶିଷ୍ଟ କ୍ରିକେଟର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପ ସଭାପତି ମହେଶ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ସମ୍ମାନିତ ଅତିଥି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଖୋର୍ଦ୍ଧା ଷ୍ଟାଡିୟମ୍ ପରିସର ଭିତରେ କେଡିସିଏ କ୍ରିକେଟ ଏକାଡେମୀର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ମିନି ଷ୍ଟାଡିୟମ୍‌ରେ ପରିଣତ କରିବା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଚାମ୍ପିଅନ ଦଳ ଭାବେ ଖୋର୍ଦ୍ଧା ଟିମ୍‌କୁ ଗିନି କପ୍ ସହ ମୋଦୀ ଡିଷ୍ଟିଲେରି ରକଫୋର୍ଡ ପ୍ରଦତ୍ତ ୫୦୦୦୦ ଟଙ୍କାର ଚେକ୍ ଏବଂ ରନର୍ସଅପ ସୋଲାର କ୍ରିକେଟ କ୍ଲବ କଟକ ଟ୍ରଫି ସହ ୩୦୦୦୦ ଟଙ୍କା ଚେକ୍ ଅତିଥିମାନେ ପ୍ରଦାନ କରିଥିଲେ। ପୂର୍ବତନ ଖୋର୍ଦ୍ଧା ବିଧାୟକ ତଥା ଆସୋସିଏସନର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ କ୍ରିକେଟ କୋଚ୍ କାର୍ତ୍ତିକ ଜେନାଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଣ୍ଡର ୧୬ ଟିମ୍‌ରେ ପ୍ରତିନିଧିତ୍ୱ କରିଥିବା ଖୋର୍ଦ୍ଧାର ଯୁବ କ୍ରିକେଟ ଖେଳାଳି ସ୍ୱର୍ଣ୍ଣଭ ଦାସ ଏବଂ ପୀୟୂଷ କୁମାର ବଳିଆରସିଂଙ୍କୁ ମଧ୍ୟ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇମ୍ପାକ୍ଟ ଖେଳାଳି ଭାବେ ଖୋର୍ଦ୍ଧା ଦଳର ସୁମିତ ମହାରଣାଙ୍କୁ ଏଚ୍‌ଏଚ ଟାଇମ୍ସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ପ୍ରୀତିରଂଜନ ବିଜୟ ସିଂ ଏବଂ ଚନ୍ଦ୍ର ମୋହନ ବରାଳ ପରିଚାଳନା କରୁଥିଲେ। ଜନ୍ମେଜୟ ଓ ରବିନାରାୟଣ ପରିଡ଼ା ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ ଏବଂ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ଦେବୀ ବାବୁ ଭାଷ୍ୟକାର ରୂପେ କାର୍ଯ୍ୟ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସଭ୍ୟ ଦେବିଶଙ୍କର ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ। ଗିନି କପ୍‌ର ସଫଳତା ପାଇଁ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ସମସ୍ତ ସଭ୍ୟ ବୃନ୍ଦଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆରମ୍ଭ ହେଲା ମହିଳା ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର**

ରବିବାର ଠାରୁ ରାଞ୍ଚିରେ ଆରମ୍ଭ ହୋଇଛି ମହିଳା ହକି ଇଣ୍ଡିଆ ଲିଗ୍। ଉଦ୍‌ଘାଟନୀ ଲଢ଼େଇ ଓଡ଼ିଶା ୱାରିୟର୍ସ ଓ ଦିଲ୍ଲୀ ଏସ୍‌ଜି ପିପର୍ସ ମଧ୍ୟରେ ଖେଳାଯାଇଛି। ପୂର୍ବରୁ ପୁରୁଷ ବର୍ଗରେ ହକି ଇଣ୍ଡିଆ ଲିଗ୍ ଖେଳାଯାଉଥିଲା ଏବଂ ୨୦୧୭ ଠାରୁ ସ୍ଥଗିତ ରହିଥିଲା। ୭ ବର୍ଷ ପରେ ପୁଣି ଥରେ ଲିଗ ଆରମ୍ଭ କରାଯିବା ନେଇ ଚୂଡ଼ାନ୍ତ ହେବା ପରେ ମହିଳା ଲିଗ୍‌କୁ ଏଥିରେ ସାମିଲ କରାଯାଇଥିଲା। ଚଳିତ ବର୍ଷ ଅର୍ଥାତ୍ ରବିବାରଠୁ ମହିଳା ହକି ଇଣ୍ଡିଆ ଲିଗ୍‌ର ଶୁଭାରମ୍ଭ ହୋଇଛି। ପ୍ରଥମ ସଂସ୍କରଣରେ ମୋଟ୍ ୪ଟି ଦଳ ଭାଗ ନେଇଛନ୍ତି। ସେମାନେ ହେଲେ ଦିଲ୍ଲୀ ଏସ୍‌ଜି ପିପର୍ସ, ଓଡ଼ିଶା ୱାରିୟର୍ସ, ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ସୁରମା ହକି କ୍ଲବ। ଲିଗ୍ ୨୬ ତାରିଖରେ ଶେଷ ହେବ। ପଏଣ୍ଟ ଟେବୁଲର ଶ୍ରେଷ୍ଠ ୨ଟି ଦଳ ଫାଇନାଲ ଖେଳିବେ। ଟୁର୍ଣ୍ଣାମେଣ୍ଟର ୨ଟି ମ୍ୟାଚ୍ ରାଉରକେଲା ଏବଂ ଅବଶିଷ୍ଟ ସମସ୍ତ ମ୍ୟାଚ୍‌ରେ ରାଞ୍ଚିରେ ଖେଳାଯିବାର ସୂଚୀ ରହିଛି।

# କପିଳ ଦେବଙ୍କୁ ହତ୍ୟା କରିବାକୁ ବନ୍ଧୁକ ଧରି ତାଙ୍କ ଘରକୁ ଯାଇଥିଲି : ଯୋଗରାଜ



**ନୂଆଦିଲ୍ଲୀ**

ପୂର୍ବତନ କ୍ରିକେଟର ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହ ସର୍ବଦା ବିବାଦୀୟ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଆସନ୍ତି। ସେ ଏବେ ପୁଣି ଥରେ ଅନୁରୂପ ମନ୍ତବ୍ୟ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ସେ ଏକଦା କପିଳ ଦେବଙ୍କୁ ହତ୍ୟା କରିବାକୁ ବନ୍ଧୁକ ଧରି ତାଙ୍କ ଘରକୁ ଯାଇଥିଲି ବୋଲି ଯୋଗରାଜ କହିଛନ୍ତି।

ଯୋଗରାଜ କହିଛନ୍ତି, ୧୯୮୩ ବିଶ୍ୱକପ ବିଜେତା ଭାରତୀୟ କ୍ରିକେଟ ଦଳର ଅଧିନାୟକ ଥିବା କପିଳ ଦେବ ତାଙ୍କୁ ଭାରତୀୟ ଦଳରୁ ବାହାର କରିଦେଇଥିଲେ। ତେଣୁ ସେ ତାଙ୍କୁ ମାରିବାକୁ ବନ୍ଧୁକ ଧରି ତାଙ୍କ ଘରକୁ ଯାଇଥିଲେ। କିନ୍ତୁ ସେ କପିଳଙ୍କୁ ତାଙ୍କ ମା'ଙ୍କ ପାଇଁ ଛାଡ଼ିଦେଇଥିଲି।

୧୯୮୦-୮୧ରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଟିଏ ଟେଷ୍ଟ ଏବଂ ୬ଟି ଦିନିକିଆ ଖେଳିଥିବା ଯୋଗରାଜ କହିଛନ୍ତି, କପିଳ ଦେବା ଯେତେବେଳେ ଟିମ୍ ଇଣ୍ଡିଆ, ଉତ୍ତରାଞ୍ଚଳ ଏବଂ ହରିୟାଣାର ଅଧିନାୟକ ଥିଲେ ସେ ବିନା କୌଣସି କାରଣରେ ତାଙ୍କୁ ଦଳରୁ ବାହାର କରିଦେଇଥିଲେ। ମୋ ସ୍ତ୍ରୀ ଏ ବିଷୟରେ କପିଳଙ୍କୁ ପଚାରିବାକୁ କହିଥିଲେ। କିନ୍ତୁ ମୁଁ କପିଳଙ୍କୁ ଏକ ଶିକ୍ଷା ଦେବି ବୋଲି ମୋ ସ୍ତ୍ରୀଙ୍କୁ କହିଥିଲି। ତେଣୁ ମୁଁ ମୋ ବନ୍ଧୁକ ସାଥୀରେ ଧରି ତା'ଙ୍କ ଘରକୁ ଯାଇଥିଲି। ତାଙ୍କ ଘରେ ପହଞ୍ଚିବା ପରେ ତାଙ୍କ ମା'ଙ୍କ ସହିତ କପିଳ ବାହାରକୁ ଆସିଥିଲେ। ମୁଁ ତାଙ୍କୁ ବହୁତ ଗାଳି କରିଥିଲି। ମୁଁ ତାଙ୍କୁ କହିଥିଲି ଯେ, ମୁଁ ତୁମ ମୁଣ୍ଡରେ ଗୁଳି କରିବାକୁ ଚାହୁଁଛି। କିନ୍ତୁ ତାହା ମୁଁ କରିପାରୁନି। କାରଣ ତୁମର ଜଣେ ମା' ତୁମ ପାଖରେ ଛିଡ଼ା ହୋଇଛନ୍ତି। ତେଣୁ ମୁଁ ମୋ ସ୍ତ୍ରୀ ସହିତ ସେଠାରୁ ଚାଲିଆସିଲି ଏବଂ ସେବେଠାରୁ କ୍ରିକେଟ ଖେଳିବି ନାହିଁ ବୋଲି ନିଷ୍ପତ୍ତି ନେଇଥିଲି। ତାଙ୍କୁ ଦଳରୁ ବାହାର କରାଯିବା ପଛରେ ପୂର୍ବତନ ସ୍ପିନର ବିସନ ସିଂହ ବେଦୀଙ୍କ ହାତ ଥିଲା ବୋଲି ଯୋଗରାଜ କହିଛନ୍ତି।

# କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ ନଥିବାରୁ ହାଇକୋର୍ଟଙ୍କ ଅସନ୍ତୋଷ

**କଟକ, ନ୍ୟୁଜ୍‌ବ୍ୟୁରୋ**

କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ ନଥିବାରୁ ବହୁ ସଂଖ୍ୟକ ଅଦାଲତ ଅବମାନନା ମାମଲା ରୁଜୁ ହେଉଥିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଂପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଚେତାବନୀ ଦେଇଥିଲେ। ଏହାପରେ ଅଦାଲତ ଅବମାନନା ମାମଲା ଗୁଡ଼ିକର ତଦାରଖ କରିବା ପାଇଁ ତଥା କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗ ନିରୀକ୍ଷଣ କରିବାକୁ ସରକାର ଏକ କମିଟି ଗଠନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କମିଟି ଗଠନ ନେଇ ଜାନୁଆରୀ ୬ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶନାମା ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ଜାନୁଆରୀ ୬ ନିର୍ଦ୍ଦେଶନାମାର କପି ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସଦସ୍ୟ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଗୃହ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଆଇନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ରଖାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ପ୍ରସଙ୍ଗ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ନିର୍ଦ୍ଧାରିତ ସମୟସୀମା ଭିତରେ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଓ ଏ ସଂପର୍କିତ ଅଗ୍ରଗତି ରିପୋର୍ଟ ପ୍ରତି ସୋମବାର ଦାଖଲ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ସବୁ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର ତଥା ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ଆଦେଶ ଦିଆଯାଇଥିଲା। ମୁଖ୍ୟ ସଚିବଙ୍କ ତରଫରୁ ଜାରି ୨୦୨୪, ନଭେମ୍ବର ୨୨ର ଆଦେଶନାମାର କପି ସରକାରଙ୍କ ତରଫରୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ମୁଖ୍ୟ ସଚିବଙ୍କ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି। କୋର୍ଟରେ ଅଯଥା ଅଦାଲତ ଅବମାନନା ମାମଲା ଦାୟର ପ୍ରସଙ୍ଗ ଏଡ଼ାଇବା ପାଇଁ ସଂପୃକ୍ତ ଅଧିକାରୀମାନେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ଜାନୁଆରୀ ୬ ନିର୍ଦ୍ଦେଶନାମାର କପି ସରକାରଙ୍କ ତରଫରୁ ଉପସ୍ଥାପନ କରାଯାଇଥିଲା। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସଦସ୍ୟ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଗୃହ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଆଇନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ରଖାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ପ୍ରସଙ୍ଗ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ନିର୍ଦ୍ଧାରିତ ସମୟସୀମା ଭିତରେ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଓ ଏ ସଂପର୍କିତ ଅଗ୍ରଗତି ରିପୋର୍ଟ ପ୍ରତି ସୋମବାର ଦାଖଲ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ସବୁ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବ, ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ଆଦେଶ ଦିଆଯାଇଥିଲା। ମୁଖ୍ୟ ସଚିବଙ୍କ ତରଫରୁ ଜାରି ୨୦୨୪, ନଭେମ୍ବର ୨୨ର ଆଦେଶନାମାର କପି ସରକାରଙ୍କ ତରଫରୁ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ମୁଖ୍ୟ ସଚିବଙ୍କ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ହାଇକୋର୍ଟ ପ୍ରଶଂସା କରିଛନ୍ତି। କୋର୍ଟରେ ଅଯଥା ଅଦାଲତ ଅବମାନନା ମାମଲା ଦାୟର ପ୍ରସଙ୍ଗ ଏଡ଼ାଇବା ପାଇଁ ସଂପୃକ୍ତ ଅଧିକାରୀମାନେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଆଶା ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୩, ଅକ୍ଟୋବର ୧୧ରେ ଏକ ଓଏଲଆର ମାମଲାର ଫଏସଲା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ଅନେକ କ୍ଷେତ୍ରରେ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ ନଥିବାରୁ ଅଦାଲତ ଅବମାନନା ମାମଲା ରୁଜୁ ହେଉଛି। ହାଇକୋର୍ଟ ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜାନୁଆରୀ ୩ରେ ରାଜସ୍ୱ ସଚିବ ହାଜର ହୋଇ ଦର୍ଶାଇଥିଲେ ଯେ କୋର୍ଟଙ୍କ ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ ପ୍ରସଂଗକୁ ନେଇ ମୁଖ୍ୟ ସଚିବ ଆଦେଶନାମା ଜାରି କରିଛନ୍ତି। ମୁଖ୍ୟ ସଚିବଙ୍କ ଆଦେଶନାମା ରେକର୍ଡଭୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମୁଖ୍ୟ ସଚିବଙ୍କ ଆଦେଶନାମା ସହିତ କମିଟି ଗଠନ ସଂପର୍କିତ ନିର୍ଦ୍ଦେଶନାମାର କପି ସରକାରଙ୍କ ତରଫରୁ ଦାଖଲ କରାଯାଇଥିଲା।








ଭୁବନେଶ୍ୱର : ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର 'ହୀରକ ଜୟନ୍ତୀ' ଉଦ୍‌ଯାପନୀ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ହୀରକ ଜୟନ୍ତୀ ସ୍ମରଣିକା-୨୦୨୫ ଉନ୍ମୋଚନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଶିକ୍ଷାନୁଷ୍ଠାନର ପୂର୍ବତନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁ ପୁରାତନ ଛାତ୍ରଛାତ୍ରୀ। (ଫଟୋ : ସମ୍ବାଦ କଳିକା

# ମଙ୍ଗଳବାର ମକର ସଂକ୍ରାନ୍ତି : ଶ୍ରୀମନ୍ଦିରରେ 'ଦୁଧ ମେଲାଣ' ନୀତି ସମ୍ପନ୍ନ

**ପୁରୀ, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବଡ଼ଦେଉଳରେ ମକର ସଂକ୍ରାନ୍ତି । ଏଣୁ ରବିବାର ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି 'ଦୁଧ ମେଲାଣ' ଓ 'ଜଳ ଅଧିବାସ' ନୀତି । ବଡ଼ଦେଉଳ ରୀତିରୀତି ଅନୁସାରେ ମକର ସଂକ୍ରାନ୍ତି ପୂର୍ବଦିନ ମହାପ୍ରଭୁଙ୍କ ନବାଙ୍କ ବେଶ ଓ ମକର ଅଧିବାସ ନୀତି ଆଦି ଅନୁଷ୍ଠିତ ହୋଇଥାଏ । ନବାଙ୍କ ପୂର୍ବ ଦିନ ଦୁଧ ମେଲାଣ ନୀତି ପରମ୍ପରା ରହିଛି । ଶ୍ରୀରାମ କୃଷ୍ଣ ମହାପ୍ରଭୁ ଶ୍ରୀମନ୍ଦିରରୁ ପାଲିଙ୍କିରେ ଆସି ଜଗନ୍ନାଥ ବଲ୍ଲଭରେ ବିଜେ ହୋଇଛନ୍ତି । ଘଣ୍ଟ ଛତା କାହାଳୀ ସହ ମହାଭୋଇ ସେବକ ଗଉଡ଼ ଦେଇଥିବା ଦୁଧ ଭାର ନେଇ ଆସିଛନ୍ତି । ଠାକୁରଙ୍କୁ ମଣୋହି କରାଯାଇଛି । ବାହୁଡ଼ା ବିଜେ କରି ଶ୍ରୀମନ୍ଦିରସ୍ଥ ମହାଲକ୍ଷ୍ମୀଙ୍କ ମନ୍ଦିରରେ ପଡ଼ିଥିବା ଖଟ ଉପରେ ଠାକୁରେ ବିଜେ ହୋଇଛନ୍ତି । ସେଠାରେ ପ୍ରସାଦ ଲାଗି କରାଯାଇଛି। ସୋମବାର ଶ୍ରୀମନ୍ଦିରରେ ଦେବାଭିଷେକ ପୂର୍ଣ୍ଣିମା । ଏଥିସହ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୋହିଣୀ ବୃଷ ନକ୍ଷେତ୍ର ନୀତି ଅନୁଷ୍ଠିତ ହୋଇଥିଲା ।

# ଶିକ୍ଷାନୁଷ୍ଠାନର ବିକାଶ ଓ ସୁନାମ ବଢାଇବାରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଠାରୁ ଆରମ୍ଭ କରି ଏହାର ସର୍ବାଙ୍ଗୀନ ବିକାଶ ତଥା ସୁନାମ ବଢାଇବାରେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଅବଦାନ ଓ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । 'ଓଲ୍ଡ଼ ଇଜ୍ ଗୋଲ୍ଡ଼' ଭଳି ପୁରାତନ ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାନୁଷ୍ଠାନ ନୁହେଁ, ସମାଜର ବିକାଶ ପାଇଁ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। ବର୍ତ୍ତମାନର ଡିଜିଟାଲ ଯୁଗର ପ୍ରତିଯୋଗିତାମୂଳକ ବାତାବରଣ ମଧ୍ୟରେ ଶୃଙ୍ଖଳିତ ଜୀବନ ଆଧାରିତ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଜରୁରୀ ଆବଶ୍ୟକତା ରହିଥିବା ବେଳେ ଏ କ୍ଷେତ୍ରରେ ପୁରାତନ ଛାତ୍ରଛାତ୍ରୀମାନେ ଉତ୍ତର ପିଢିକୁ ଦିଗ୍‌ଦର୍ଶନ ଦେବାର ସମୟ ଆସିଛି ବୋଲି ମତପ୍ରକାଶ ପାଇଛି।

ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ବନ୍ଧୁ ମିଳନ ସମାରୋହ (୨୦୨୫) ରବିବାର ମହାବିଦ୍ୟାଳୟ ପରିସରସ୍ଥ ନବନିର୍ମିତ କନଫରେନ୍ସ ହଲ୍‌ରେ ସଭାପତି ବିବେକାନନ୍ଦ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ରଶ୍ମୀ ରାଉତରାୟ, ଅଧ୍ୟାପକ ସୁମନ୍ତ ସାହୁ, ବସନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଏହାର ବିକାଶ କ୍ଷେତ୍ରରେ ଦେଇଥିବା ଯୋଗଦାନ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସହଯୋଗ ଜାରି ରଖିବାକୁ ନିବେଦନ ଜଣାଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଅଞ୍ଜନା ସ୍ୱାଇଁ, ବିଭୂତି ଭୂଷଣ ସାହୁ, ଝୁଲେନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାପାତ୍ର, ଅଞ୍ଜନ ଜେନା, କୈଳାସ ସାହାଣୀ, ହେମନ୍ତ ମହାନ୍ତି ପ୍ରମୁଖ ପାଠପଢା ଦିନର ସ୍ମୃତି ଅନୁଭୂତି ବଖାଣିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଶେଷରେ ସମ୍ପାଦକ କେଶବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ବେହୁରା, ସୌମିତ୍ର ସ୍ୱାଇଁ, କ୍ଷୀରୋଦ ବେହେରା, ଧନଞ୍ଜୟ ମହାପାତ୍ର, ବିବେକା ବେହେରା, ବିଚିତ୍ରାନନ୍ଦ ସାହୁ, ନରହରି ବେହେରା, ଗଙ୍ଗାଧର ସାହୁ, ଶିବ ବେହୁରା, ଅଜିତ ଦାସ, ଅଜୟ ବଳ, ଶ୍ରୀନିବାସ ସାହୁ, ଲିଙ୍ଗରାଜ ମୁଦୁଲି, ଜୀବନ ବଳ, ଅକ୍ଷୟ ଭୂୟାଁ, ହରିହର ପରିଡ଼ା, ବାବୁ ବେହେରା, ରାଜୀବ ମହାନ୍ତି, କଳ୍ପନା ଦାଶ, କବିତା ପରିଡ଼ା, ସାୟିରା ଖାତୁନ ପ୍ରମୁଖ ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।




ଭୁବନେଶ୍ୱର : ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଯୁବ ପୁରସ୍କାର ପ୍ରଦାନ ସମାରୋହରେ ଉପସ୍ଥିତ ଅଛନ୍ତି ମଞ୍ଚାସୀନ ଅତିଥିମାନଙ୍କ ସହ ପୁରସ୍କୃତ ଯୁବ ପ୍ରତିଭାମାନେ। (ଫଟୋ : ସମ୍ବାଦ କଳିକା)

# ଯୁବ ଦିବସ ଅବସରରେ ୪୦ ବର୍ଷ ବନ୍ଧୁତ୍ୱର ସ୍ମୃତି ଚାରଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୟାଗଡ଼ ମହାବିଦ୍ୟାଳୟରେ ୧୯୮୫ ମସିହାରେ+୨ ବିଜ୍ଞାନରେ ନାମ ଲେଖାଇଥିବା ଛାତ୍ରମାନେ ଜାତୀୟ ଯୁବ ଦିବସ ଅବସରରେ ଏକାଠି ହୋଇ ତାରୁଣ୍ୟର ସ୍ମୃତି ଚାରଣ କରିବା ସହିତ ନିଜ ଶିକ୍ଷାନୁଷ୍ଠାନର ବିକାଶରେ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ବନ୍ଧୁମିଳନ ଆରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ର ବନ୍ଧୁମାନଙ୍କୁ ସ୍ମରଣ କରି ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଆଲୋଚନାରେ ଅଂଶଗ୍ରହଣ କରି ନୟାଗଡ଼ ମହାବିଦ୍ୟାଳୟର ବିକାଶ ଦିଗରେ ସକରାତ୍ମକ ଭାବେ କ'ଣ ସବୁ ସହଯୋଗ କରାଯାଇ ପାରିବ, ସେ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମହାବିଦ୍ୟାଳୟରେ ଅଧ୍ୟୟନରତ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବାକୁ ଆଲୋଚନା ହେବା ସହିତ ନିୟମିତ ଭାବେ ଏଭଳି ବନ୍ଧୁମିଳନ ଆୟୋଜନ କରିବାକୁ ସ୍ଥିର ହୋଇଥିଲା।

# କଂସ ଦରବାରରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

**ବରଗଡ, ନ୍ୟୁଜ ବ୍ୟୁରୋ**

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ରେ ପହଞ୍ଚିବା ପରେ କଲ୍ୟାଣ ମଣ୍ଡପରୁ ହାତୀ ପିଠିରେ ବସି କଂସ ମହାରାଜଙ୍କ ଦରବାର ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ମହାନନ୍ଦ, ସନତ ଗଡତିଆ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କଂସ ଦରବାରକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଏକାଧିକ ବଡ଼ ଘୋଷଣା କରିଛନ୍ତି। ବରଗଡ଼ ଧନୁଯାତ୍ରା ଅନୁଦାନ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ପୂର୍ବରୁ ଅନୁଦାନ ରାଶି ୧୦ ଲକ୍ଷ ଟଙ୍କା ଥିଲା, ଏହାକୁ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ସହିତ ଯାତ୍ରାରେ ଅଂଶଗ୍ରହଣ କରୁଥିବା ସମସ୍ତ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ଦିଆଯିବ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସେହିଭଳି ବରଗଡ଼ ସହରରେ ଚିତ୍ତାକର୍ଷକ ସ୍ଥାୟୀ ରାଜମହଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ରାଜମହଲ। ଜିରା ନଦୀରେ ୮୦ କୋଟି ଟଙ୍କା ବ୍ୟୟରେ ଆନିକଟ୍ ନିର୍ମାଣ ହେବ ଏବଂ ବରଗଡ଼ କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମଂଚରୁ ଘୋଷଣା କରିଛନ୍ତି। ତେଣେ ଆଜି ହେଉଛି ଯାତ୍ରାର ଦଶମ ଦିନ। ଧନୁଯାତ୍ରାରେ ସାମିଲ ହେବାକୁ ଆସିଥିବା କୃଷ୍ଣ-ବଳରାମ ମଥୁରା ନଗରୀ ପରିଭ୍ରମଣ କରୁଛନ୍ତି। ଏହି ଅବସରରେ ସୁଦାମା ମାଳି ଓ ରଜକଙ୍କ ସହ ସାକ୍ଷାତ ଦୃଶ୍ୟ ମଧ ଅନୁଷ୍ଠିତ ହୋଇଛି। ସେପଟେ ମଥୁରା ନଗରୀରେ କୃଷ୍ଣ-ବଳରାମଙ୍କ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି କଂସ ମହାରାଜ। ଆସନ୍ତାକାଲି କଂସ ବଦ୍ଧ ସହ ଏହି ମହା ନାଟକରେ ପଡ଼ିବ ମହା ଯବନିକା।

'ଆୟୁଷ୍ମାନ ଭାରତ' ଯୋଜନା ପାଇଁ ଆଜି ଏମ୍‌ଓୟୁ

# ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜିଠୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ପାଦ ଆଗେଇବ ଓଡ଼ିଶା। କାରଣ ଆସନ୍ତାକାଲି ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆସନ୍ତାକାଲି ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ।




ଭୁବନେଶ୍ୱର : ପ୍ରହ୍ଲାଦ ମଲ୍ଲିକ ସ୍ମୃତି ପରିଷଦ ପକ୍ଷରୁ ଗୀତ ଗୋବିନ୍ଦ ସଦନ ପରିସରରେ ଜନନେତା ପ୍ରହ୍ଲାଦ ମଲିକଙ୍କ ୯୬ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ "ଭାରତର ଆର୍ଥିକ ନୀତି ଓ ଅସମତା' ଶୀର୍ଷକ ଆଲୋଚନାରେ ଉପସ୍ଥିତ ଅଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାମୀ ବିବେକାନନ୍ଦ...

ଚିକାଗୋ ଧାର୍ମିକ ସଭାରେ ଅଭିଭାଷଣ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା । ଏହା ମାଧ୍ୟମରେ ଭାରତର ଧାର୍ମିକ ଓ ଦର୍ଶନ ତତ୍ତ୍ୱ ସମ୍ପର୍କରେ ବିଶ୍ୱ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥିଲା ଏବଂ ଆମେ ଆମ ଧାର୍ମିକ ଓ ଦର୍ଶନ ତତ୍ତ୍ୱର ମହତ୍ତ୍ୱକୁ ବୁଝିଥିଲୁ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ଆମ ଯୁବ ସମାଜର । ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶ ତଥା ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଉଦ୍ୟମ କରିବା ସହିତ ଆମ ସାଂସ୍କୃତିକ ଓ ଆଧାତ୍ମିକ ଚିନ୍ତାଧାରାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆସନ୍ତୁ ଏହି ଦିବସ ଅବସରରେ ସଂକଳ୍ପନେବା । ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଥିଲେ ଯେ, ଭାରତୀୟ ଯୁବ ସମାଜ ପାଇଁ ଏକ ଅଦ୍ୱିତୀୟ ପ୍ରେରଣା ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗରିତ କରିଥିଲେ । ଭାରତ ବର୍ଷକୁ ନେଇ ସ୍ୱାମୀଜୀଙ୍କ ଅଭିମାନ ଓ ସ୍ୱାଭିମାନ ଥିଲା ଅତୁଳନୀୟ । ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କମ୍ ବୟସରୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ପାଇଁ ପରାମର୍ଶ ଦେଇ ସେ କହିଥିଲେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯଦି ଆମେ ଅନୁପାଳନ କରିବା ତେବେ ଆମ ଜୀବନରେ ବହୁତ ବଡ ପରିବର୍ତ୍ତନ ଆସିବ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ କହିଥିଲେ ଯେ, ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ । ଚିକାଗୋରେ ସ୍ୱାମୀଜୀଙ୍କ ତିନି ମିନିଟର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା । ଭାରତର ଯୁବ ନେତୃତ୍ୱକୁ ସେ ପ୍ରତିପାଦିତ କରିଥିଲେ ଚିକାଗୋରେ । ଆମ ଭାରତୀୟ ମାନଙ୍କ ଚିନ୍ତାଧାରା ହେଉଛି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ । ଆଜିର ଦିବସ ହେଉଛି ଏ ଦେଶକୁ ବିଶ୍ୱ ମାନଚିତ୍ରରେ ଶ୍ରେଷ୍ଠ ଦେଶ କରିବା ପାଇଁ ସଂକଳ୍ପବଦ୍ଧ ହେବାର ଦିବସ । ମୋ ଦେଶ ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର ହେବ ଏହି ଚିନ୍ତାଧାରା ନେଇ ଆମକୁ ଆଗକୁ ବଢିବାକୁ ପଡିବ ବୋଲି ସେ କହିଥିଲେ । ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଡି.ଏ.ଭି ପୋଖରୀପୁଟର ଛାତ୍ର ଜଗଦୀଶ ଆଚାର୍ଯ୍ୟ ସ୍ୱାମୀଜୀଙ୍କ ସ୍ୱଦେଶ ମନ୍ତ୍ର ସମସ୍ତଙ୍କୁ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧକ୍ଷ ସ୍ୱାମୀ ଆତ୍ମା ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁନିଆରେ ଏପରି...

ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୁଁ ଲାଲକିଲ୍ଲାରୁ ୧ ଲକ୍ଷ ନୂଆ ଯୁବକଙ୍କୁ ରାଜନୀତିରେ ଆଣିବା ବିଷୟରେ କହିଛି। ରାଜନୀତି ମଧ ଆପଣଙ୍କ ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ମହାନ ମାଧମ ହୋଇପାରେ। ମୁଁ ନିଶ୍ଚିତ ଯେ ଆପଣଙ୍କ ମଧ୍ୟରୁ ଅନେକ ଯୁବକ ମଧ ରାଜନୀତିରେ ଯୋଗଦେବେ। ଆଗକୁ ଆସି ଅଂଶଗ୍ରହଣ କରିବାକୁ। ସେ କହିଥିଲେ, ବିକଶିତ ଭାରତର ଏହି ଯାତ୍ରାରେ, ଆମକୁ ପ୍ରତିଦିନ ନୂଆ ଲକ୍ଷ୍ୟ ସ୍ଥିର କରିବାକୁ ପଡିବ ଏବଂ ସେଗୁଡ଼ିକୁ ହାସଲ କରିବାକୁ ପଡିବ। ସେହି ଦିନ ଦୂରରେ ନାହିଁ ଯେତେବେଳେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଲକ୍ଷ୍ୟ ହାସଲ କରିବ। ଗତ ୧୦ ବର୍ଷ ମଧ୍ୟରେ, ଦେଶ ୨୫ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛି। ଆମକୁ ଦାରିଦ୍ର୍ୟରୁ ବାହାର କରାଯାଇଛି। ଆମେ ଯେଉଁ ଗତିରେ ଆଗକୁ ବଢୁଛୁ, ସେହି ଦିନ ଦୂର ନୁହେଁ ଯେତେବେଳେ ସମଗ୍ର ଭାରତ ଦାରିଦ୍ର୍ୟ ମୁକ୍ତ ହେବ।'

ଭାରତ ମଣ୍ଡପମରେ ମୋଦି କହିଛନ୍ତି, 'ଆଜି ଭାରତ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନେକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହାସଲ କରୁଛି। ତୁମେମାନେ ମନେ ରଖିଥିବ ଯେ କରୋନାର ସମୟ ବିଶ୍ୱ ଟିକାକୁ ନେଇ ଚିନ୍ତିତ ଥିଲା, କୁହାଯାଉଥିଲା ଯେ କରୋନା ପାଇଁ ଏକ ଟିକା ଅଛି। ଏହାକୁ ତିଆରି କରିବାକୁ ବର୍ଷ ବର୍ଷ ଲାଗିବ, କିନ୍ତୁ ଭାରତୀୟ ବୈଜ୍ଞାନିକମାନେ ସମୟ ପୂର୍ବରୁ ଟିକା ତିଆରି କରି ଏହା ଦେଖାଇଛନ୍ତି। ଯୁବପିଢ଼ିଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୩୦ ଦଶକରେ ଆମେରିକା ଏକ ଗମ୍ଭୀର ଆର୍ଥିକ ସଙ୍କଟରେ ଫସି ଯାଇଥିଲା, ତା'ପରେ ଆମେରିକାର ଲୋକମାନେ ନିଷ୍ପତ୍ତି ନେଇଥିଲେ ଯେ ଆମକୁ ଏଥିରୁ ବାହାରି ଦ୍ରୁତ ଗତିରେ ଆଗକୁ ବଢ଼ିବାକୁ ପଡ଼ିବ। ସେମାନେ ସେହି ପଥ ବାଛିଥିଲେ ଏବଂ ଆମେରିକା ସେ କେବଳ ସେହି ସଙ୍କଟରୁ ବାହାରି ଆସି ନ ଥିଲେ ବରଂ ବିକାଶର ଗତିକୁ ଅନେକ ଗୁଣ ବଢ଼ାଇଥିଲେ। ଠିକ୍ ସେହିପରି ଆମେ ଏକ ବିକଶିତ ଭାରତ ଚାହୁଁ ବୋଲି ମୋଦି କହିଛନ୍ତି।

## ମାଲକାନଗିରି ସୀମାନ୍ତରେ...

ନକ୍ସଲମାନଙ୍କ ସଂଖ୍ୟା ଆହୁରି ବଢିପାରେ ବୋଲି ଆଶା କରାଯାଉଛି। ତେବେ ନକ୍ସଲମାନଙ୍କ ହତ୍ୟାକୁ ନେଇ ପୁଲିସ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାନ୍ତି। ଜଙ୍ଗଲରେ ସର୍ଚ୍ଚ ଅପେରେସନ ବେଳେ ରବିବାର ସକାଳେ ଜଙ୍ଗଲରେ ସେମାନେ ପହଞ୍ଚିବା ମାତ୍ରେ ନକ୍ସଲମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଯବାନମାନେ ମଧ ଆଗକୁ ଯାଇ ନକ୍ସଲମାନଙ୍କ ଗୁଳିର ଜବାବ ଦେଇଥିଲେ। ଉଭୟ ପାର୍ଶ୍ୱରୁ ଗୁଳି ବିନିମୟରେ ୫ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି।

## କଟକ, ଭୁବନେଶ୍ୱର...

ଜାମକୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି। ଲୋକମାନେ ଯେମିତି ଅଧିକ ବସ୍‌ର ବ୍ୟବହାର କରିବେ ସେ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି ।

# ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇଥିବା ଭାରତକୁ ବଡ଼ ଶତ୍ରୁ ଭାବେ ବ୍ୟବହାର କରୁଛି ବାଂଲାଦେଶ

**ନୂଆଦିଲ୍ଲୀ**

ସ୍ୱତନ୍ତ୍ର ବାଂଲାଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପଡ଼ୋଶୀ ଭାରତ ବଭିନ୍ନ କ୍ଷେତ୍ରରେ ସେ ଦେଶକୁ ଆବଶ୍ୟକ ସାହାଯ୍ୟ ସମର୍ଥନ ଦେଇ ଆସୁଥିବା ବେଳେ ବାଂଲାଦେଶ ଏବେ ଭାରତର ଏକ ବଡ଼ ଶତ୍ରୁ ରୂପେ ଉଭା ହୋଇଛି। ୧୯୭୦ ଦଶନ୍ଧିରେ ବାଂଲାଦେଶର ଗୁରୁତର ସଂକଟ ସମୟରେ ଭାରତର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟେକ ବସ୍ ଭଡ଼ା ଟିକେଟ୍‌ରେ ୫ ପଇସା ଲେଖାଏଁ ଦାନ କରି ବାଂଲାଦେଶ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିଲେ। ସେହିପରି ଲକ୍ଷ ଲକ୍ଷ ଭାରତୀୟ ପ୍ରତ୍ୟେକ ସିନେମା ହଲ୍ ଟିକେଟରେ ଅଧିକ ଶୂନ୍ ଦଶମିକ ୨୫ ଟଙ୍କା ଲେଖାଏଁ ପ୍ରଦାନ କରି ବାଂଲାଦେଶ ରିଲିଫ୍ ପାଣ୍ଠିକୁ ଦାନ କରିଥିଲେ। ବାଂଲାଦେଶର ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇ ଆସିଥିବା ଭାରତ ପ୍ରତି ବାଂଲାଦେଶ ଏବେ ସବୁଠୁ ବଡ଼ ଶତ୍ରୁ ଭଳି ବ୍ୟବହାର ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଇଛି।

ଇଣ୍ଡିଆନ୍ ପୋର୍ଟ୍ସ ଆସୋସିଏସନ
ପ୍ରଥମ ମହଲା, ଏନ୍‌ବିସିସି ପ୍ଲେସ୍, ସାଉଥ ଟାୱାର, ବି.ପି. ମାର୍ଗ, ଲୋଡି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩

ଭାରତର ବିଭିନ୍ନ ପ୍ରମୁଖ ବନ୍ଦରରେ କାର୍ଯ୍ୟନିର୍ବାହୀ ସ୍ତରୀୟ ପଦବୀ ନିଯୁକ୍ତି

ବିଜ୍ଞାପନ ନଂ.୨୦୨୪/ଏସ୍‌ଜିଆର୍/୦୪ ଏବଂ ୦୫

ଭାରତୀୟ ବନ୍ଦର ସଂଘ (ଆଇପିଏ), ଭାରତର ପ୍ରମୁଖ ବନ୍ଦରମାନଙ୍କ ପକ୍ଷରୁ, ଟ୍ରାଫିକ୍, ପ୍ରଶାସନ ଏବଂ ଯାନ୍ତ୍ରିକ ଇଞ୍ଜିନିୟରିଂ ବିଷୟଗୁଡ଼ିକରେ କାର୍ଯ୍ୟନିର୍ବାହୀ ସ୍ତରୀୟ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି। ଆଗ୍ରହୀ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟା ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରୁଥିବା ବିସ୍ତୃତ ବିଜ୍ଞାପନ ସମୀକ୍ଷା କରିବାକୁ ଉତ୍ସାହିତ କରାଯାଉଛି, ଯାହା ସରକାରୀ ୱେବସାଇଟ୍: www.ipa.nic.inରେ ଉପଲବ୍ଧ।

cbc 37203/12/0016/2425 ମୁଖ୍ୟ ପ୍ରଶାସନିକ ଅଧିକାରୀ (ଆଇ/ସି)

RNI Regd. No. : 52640/94
Postal Regd. No. : BN/60/25-27


# ୨୦୧୫ରୁ ଶ୍ରୀମନ୍ଦିରକୁ ଏଟିଏମ୍ ମାଧ୍ୟମରେ ଦାନ ବନ୍ଦ

**ପୁରୀ, ୧୨/୧ ନ୍ୟୁଜ ବ୍ୟୁରୋ**

ବିଶ୍ୱରେ ମହାପ୍ରଭୁଙ୍କ କୋଟି କୋଟି ଭକ୍ତ ରହିଛନ୍ତି। ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ବିଭିନ୍ନ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଦାନ ଆକାରରେ ଆସୁଛି। ହେଲେ ଶ୍ରୀକ୍ଷେତ୍ରରୁ ଦୂରରେ ବିଭିନ୍ନ ଜିଲ୍ଲାରେ ରହୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସହଜ ଏବଂ ସରଳରେ ଦାନ ଦେବାର କୌଣସି ବ୍ୟବସ୍ଥା ନାହିଁ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କେବଳ ସଞ୍ଚାର ମାଧ୍ୟମରେ ଦାନ ଦେବାର ବ୍ୟବସ୍ଥା ରହିଛି। ଏହି ପଦ୍ଧତି ଜଟିଳ ହେବା ସହ ଏହା ମାଧ୍ୟମରେ ବର୍ତ୍ତମାନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଅପର ପକ୍ଷରେ ପୂର୍ବରୁ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ମାଧ୍ୟମରେ ଶ୍ରୀମନ୍ଦିରକୁ ଦାନ ଦେବା ପାଇଁ ବ୍ୟବସ୍ଥା ରହିଥିଲା। ୨୦୧୫ରେ ଏହି ବ୍ୟବସ୍ଥାକୁ ବନ୍ଦ କରିଦିଆଯିବା ପରେ ସାଧାରଣ ଲୋକେ ମହାପ୍ରଭୁଙ୍କୁ ଦାନ ଦେବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରୀମନ୍ଦିରରେ ଦାନ ଦେବା



ପାଇଁ ହୁଣ୍ଡି, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଏବଂ ସଞ୍ଚାର ମାଧ୍ୟମରେ ବ୍ୟବସ୍ଥା ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଞ୍ଚାର ମାଧ୍ୟମରେ ବିଶ୍ୱର ଯେକୌଣସି ସ୍ଥାନରେ ଥିବା ଭକ୍ତ ଦାନ ଦେବା ବ୍ୟବସ୍ଥା କରାଯାଇଛି। ଏହି ମାଧ୍ୟମ ଉପରେ ବର୍ତ୍ତମାନ ସାଇବର ଅପରାଧୀଙ୍କ ନଜର ରହିଛି। ଅନେକ ସମୟରେ ସାଇବର ଅପରାଧୀ ବିଭିନ୍ନ ସାଇଟ୍‌କୁ ଜାଲ୍ କରି ଟଙ୍କା ଆତ୍ମସାତ୍ କରୁଛନ୍ତି, ଫଳରେ ଏହି ମାଧ୍ୟମରେ ଲୋକେ ଟଙ୍କା କାରବାର କରିବାକୁ ପଛଘୁଞ୍ଚା ଦେଉଛନ୍ତି। ପ୍ରକାଶଯୋଗ୍ୟ, ୨୦୦୩ରୁ ଶ୍ରୀମନ୍ଦିରକୁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଭକ୍ତ ଷ୍ଟେଟ ବ୍ୟାଙ୍କ୍ ଏଟିଏମ୍ ମାଧ୍ୟମରେ ଟଙ୍କା ଦାନ କରୁଥିଲେ। ଏହି ମାଧ୍ୟମ ସାଧାରଣ ଲୋକଙ୍କ ପାଇଁ ଅତି ସହଜ ଏବଂ ସରଳ ଥିଲା। ରାଜ୍ୟରେ ପ୍ରତ୍ୟେକ ଦିନ ସାଧାରଣ ଭକ୍ତ ଷ୍ଟେଟବ୍ୟାଙ୍କ ଏଟିଏମ ମାଧ୍ୟମରେ ଟଙ୍କା ପଠାଉଥିଲେ। ୨୦୧୫ରେ ଷ୍ଟେଟବ୍ୟାଙ୍କ ଏଟିଏମ ମାଧ୍ୟମରେ ଟଙ୍କା ପଠାଇବା ବ୍ୟବସ୍ଥା ହଠାତ୍ ବନ୍ଦ ହୋଇଯିବା ଫଳରେ ରାଜ୍ୟରେ ଥିବା ଲକ୍ଷାଧିକ ଭକ୍ତଙ୍କ ମନରେ ଆଘାତ ଲାଗିଥିଲା। ବ୍ୟାଙ୍କ ଏଟିଏମ ମାଧ୍ୟମରେ ଟଙ୍କା ଦାନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଏହି ବ୍ୟବସ୍ଥା ପୁନଃ କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର, ୧୨।୧ ନ୍ୟୁଜ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ସାମନ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଅଭିଭାଷଣ ପ୍ରଦାନ କରି କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଡ. ସାମନ୍ତ ଧନ୍ୟବାଦ ଜଣାଇଥିଲେ।

ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବୃଦ୍ଧିରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ।

ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୀୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତ ବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଡ. ସାମନ୍ତ ଉନ୍ମୋଚନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

# ପ୍ରଦର୍ଶନୀ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣକରିବାରେ ପ୍ରେରଣା ଯୋଗାଏ : ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**

ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଓ ପ୍ଲାଣ୍ଟଲଭର୍ସ ଆସୋସିଏସନର ମିଳିତ ସହଯୋଗରେ ଏକାମ୍ରକାନନଠାରେ ଆୟୋଜିତ ବାର୍ଷିକ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଲେ ଯେ ଏହି ପୁଷ୍ପ ପ୍ରଦର୍ଶନୀ ଆମକୁ ପ୍ରକୃତିକୁ ଭଲପାଇବା ଓ ସଂରକ୍ଷଣ କରିବାରେ ପ୍ରେରଣା ଯୋଗାଇବ। ଫୁଲମାନବ ସମାଜ ପାଇଁ ପ୍ରକୃତିର ଏକ ଅଦ୍ଭୁତ ସୌନ୍ଦର୍ଯ୍ୟମୟ ଅବଦାନ। ଆମର ଦୈନନ୍ଦିନ ଜୀବନରେ ଫୁଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେବପୂଜାରେ ଫୁଲର ବ୍ୟବହାର କେଉଁ ଆବାହମାନ କାଳରୁ ହୋଇଆସୁଛି। ମଣିଷର ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଫୁଲ ଏକ ମୁଖ୍ୟ ସାମଗ୍ରୀରୂପେ ବ୍ୟବହୃତ ହୋଇଥାଏ। ଫୁଲ ଏକ ସୌନ୍ଦର୍ଯ୍ୟ ଓ ଉପଭୋଗ୍ୟ ବସ୍ତୁ ନହୋଇ ଏହା ଆମର ଜୀବନ ଜୀବିକାର ମାଧ୍ୟମ ହୋଇପାରିଛି। ଗତ ପାଞ୍ଚ ଦିନ ଧରି ସମସ୍ତେ ଏଠାରେ ପ୍ରକୃତିର ଅଦ୍ଭୁତ



ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଏଠାରେ ପ୍ରଦର୍ଶିତ ବିଭିନ୍ନ ରଙ୍ଗର ପୁଷ୍ପ ଗୁଡିକର ବର୍ଣ୍ଣାଳି, ମନୋହର ସୁଗନ୍ଧ ପୁଷ୍ପବିନ୍ୟାସ ଏବଂ ବିଭିନ୍ନ ପ୍ରଜାତିର ବୃକ୍ଷଲତା ସମସ୍ତଙ୍କୁ ଅଭିଭୂତ କରିଛି। ଏହି ପ୍ରଦର୍ଶନୀ କେବଳ ପୁଷ୍ପ, ବୃକ୍ଷ ଓ ଲତା ଗୁଡ଼ିକର ପ୍ରଦର୍ଶନ ନୁହେଁ ବରଂ ଆମ ପ୍ରକୃତି, ପରିବେଶ ଏବଂ ଜୈବ ବିବିଧତା ପ୍ରତି ସମ୍ମାନ ପ୍ରଦର୍ଶନ, ଏଗୁଡ଼ିକର ସଂରକ୍ଷଣ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ପାଇଁ ପ୍ରେରଣା ଯୋଗାଏ। ଏହି ପ୍ରଦର୍ଶନୀ ପ୍ରେରଣା ଦେଉଛି ଯେ, ପ୍ରକୃତିକୁ ଜାଣିବା, ପ୍ରକୃତିରୁ ଲାଭାନ୍ୱିତ ହେବା ଏବଂ ଉତ୍ତର ପିଢ଼ିର ଆବଶ୍ୟକତା ପାଇଁ ପ୍ରକୃତିକୁ କିପରି ସଂରକ୍ଷଣ କରିପାରିବା। ଏହି ପ୍ରଦର୍ଶନୀ ଫୁଲ ଏବଂ ଆଲଙ୍କରିକ ବୃକ୍ଷଲତା ଚାଷକରି କିପରି ଆମେ ଜୀବନ ଜୀବିକା ନିର୍ବାହ କରିପାରିବା ସେ ସମ୍ବନ୍ଧରେ ଦିଗଦର୍ଶନ କରାଉଛି। ଏହି ପ୍ରଦର୍ଶନୀରେ ବଗିଚା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ, ଭାଗନେଇଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ଦେଶର ବିଭିନ୍ନ କୋଣରୁ ଆସିଥିବା ନର୍ସରୀ ଓ ବଗିଚା ଉପକରଣ ବ୍ୟବସାୟୀ, ପୁଷ୍ପପ୍ରେମୀ ଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଅଭିନନ୍ଦନ ଜଣାଇଥିଲେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଦୀର୍ଘ ୪୦ ବର୍ଷ ପୂର୍ବେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର, ଏକାମ୍ର କାନନ ଉଦ୍ଭିଦ ଗବେଷଣା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀ ଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ରଶାସନିକ ଅଧିକାରୀ ଋତୁପର୍ଣ୍ଣା ମହାପାତ୍ର, ପ୍ଲାଣ୍ଟଲଭର୍ସ ଆସୋସିଏସନର ସଭାପତି କ୍ଷୀରୋଦ ପଟ୍ଟନାୟକ ଓ ପ୍ଲାଣ୍ଟଲଭର୍ସ ଆସୋସିଏସନର ସମ୍ପାଦକ ପି. ଶ୍ରୀନିବାସ ପ୍ରମୁଖ ଏହି ଉଦ୍‌ଯାପନୀ ଦିବସ ସମାରୋହରେ ଉପସ୍ଥିତ ଥିଲେ।

## ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର 'ହୀରକ ଜୟନ୍ତୀ' ଉଦ୍‌ଯାପନୀ ଉତ୍ସବ

# ଶିକ୍ଷାନୁଷ୍ଠାନରୁ ପାଉଥିବା ଜ୍ଞାନକୁ ସମାଜ ମଙ୍ଗଳ କ୍ଷେତ୍ରରେ ଉପଯୋଗ କର : ବାଚସ୍ପତି

**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**

ମା' ହେଉଛନ୍ତି ପ୍ରଥମ ଗୁରୁ। ହେଲେ ଶିକ୍ଷକ ହେଉଛନ୍ତି ଗୁରୁଙ୍କ ଗୁରୁ। ତେଣୁ ଛାତ୍ରଛାତ୍ରୀମାନେ ଗୁରୁଙ୍କ ଠାରୁ ପ୍ରାଥମିକ ଅବସ୍ଥାରେ ଯେଉଁ ଜ୍ଞାନ ପାଉଛନ୍ତି, ତାହାକୁ ସବୁବେଳେ ମନେ ରଖିବା ଦରକାର। ଏହା ଛାତ୍ରଛାତ୍ରୀଙ୍କ ଜୀବନରେ ଆଲୋକ ଆଣିବ। ଏକ ଗୌରବମୟ ସ୍ଥାନରେ ପହଞ୍ଚାଇବାକୁ ପଥ ଦେଖାଇବ। ଛାତ୍ରଛାତ୍ରୀ ସବୁବେଳେ କିଛି ନା କିଛି ଶିକ୍ଷା ଗ୍ରହଣ କରିବା ଦରକାର। ନିଜ ମନରେ ଭାବିବା ନାହିଁ, ଆମେ ସବୁ ଜାଣିଛେ। ଏହା ନିଜ ପାଇଁ କ୍ଷତି କରିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୟୁନିଟ -୬ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଆୟୋଜିତ ଦୁଇ ଦିନିଆ 'ହୀରକ ଜୟନ୍ତୀ' ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ପାଢ଼ୀ ଯୋଗଦେଇ କହିଛନ୍ତି, ଏହି ବିଦ୍ୟାଳୟରେ ମୁଁ ପାଠ ପଢ଼ିଛି।





ଆଜିବି ବିଦ୍ୟାଳୟର ସମସ୍ତ ସ୍ମୃତି ମନେ ପଡୁଛି। ଛାତ୍ରଛାତ୍ରୀ କେବେହେଲେ ନିଜ ବିଦ୍ୟାଳୟକୁ ଭୁଲିବ ନାହିଁ। ଏଠାରୁ ଯେଉଁ ଜ୍ଞାନ ପାଉଛନ୍ତି ତାହାକୁ ସମାଜ ମଙ୍ଗଳ କ୍ଷେତ୍ରରେ ଉପଯୋଗ କର। ପୁରାତନ ଛାତ୍ର ହେଉଛନ୍ତି ବିଦ୍ୟାଳୟ ପାଇଁ ମାଇଲ ଖୁଣ୍ଟ। ସେମାନେ ସାହାଯ୍ୟ ଓ ସହଯୋଗ ହାତ ବଢ଼ାନ୍ତୁ। ଛାତ୍ର ସଂଗଠନ ଯେଉଁ ଦାବି ରଖିଛି ତାହାକୁ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ। ମୁଖ୍ୟ ବକ୍ତା ବିଶ୍ୱ ନାଥ ତରାଇ କହିଛନ୍ତି, ବିଦ୍ୟାଳୟ ପୁରାତନ ଛାତ୍ର ହେଉଛନ୍ତି ଗୋଟିଏ ଗୋଟିଏ ଖମ୍ବ। ସେମାନେ ବିଦ୍ୟାଳୟ ଉନ୍ନତିକରଣ ପାଇଁ ଆଗେଇ ଆସନ୍ତୁ। ଛାତ୍ର ସଂଗଠନ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦାସ କହିଛନ୍ତି, ଛାତ୍ର ଛାତ୍ରୀ ବିଦ୍ୟାଳୟ ଠାରୁ ପାଉଥିବା ଜ୍ଞାନ ସମାଜ କଲ୍ୟାଣ ପାଇଁ ଉପଯୋଗ କରନ୍ତୁ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ରୂପାଲୀ ସେନାପତି କହିଛନ୍ତି, ଛାତ୍ର ଛାତ୍ରୀ ନିଜ ଜୀବନରେ ଶୃଙ୍ଖଳା ଓ ଜ୍ଞାନ ଆହରଣ କରିବା ଦିଗରେ ସଂକଳ୍ପ ନିଅନ୍ତୁ। ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ମାନସ ରାୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୩୪ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାଇବର କମାଣ୍ଡୋ ରୋକିବେ ଅପରାଧ ଜାତୀୟ ସ୍ତରରେ ନେବେ ତାଲିମ

**କଟକ,୧୨/୦୧ ନ୍ୟୁଜ ବ୍ୟୁରୋ**

ରାଜ୍ୟବ୍ୟାପୀ ବିଭିନ୍ନ ଥାନାରେ ସାଇବର ଅପରାଧ ଅଭିଯୋଗ ବଢ଼ିବାରେ ଲାଗିଛି। ତଦନ୍ତ ପ୍ରକ୍ରିୟାରେ ପୁଲିସ୍ ସେତେଟା ସଫଳ ହେଉନଥିବାରୁ ଏତଲାକାରୀ ନିରାଶ ହେଉଛନ୍ତି । ଏଭଳି ସ୍ଥିତିରେ ଆଗାମୀ ଦିନରେ ସାଇବର ଅପରାଧ ତଦନ୍ତରେ ରାଜ୍ୟ ପୁଲିସ୍ ବାହିନୀରେ ସାଇବର କମାଣ୍ଡୋମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି । ରାଜ୍ୟ ପୁଲିସ୍ ବାହିନୀ ପକ୍ଷରୁ ସାଇବର କମାଣ୍ଡୋ ଚୟନ ପ୍ରକ୍ରିୟା କରାଯାଉଛି । ଜିଲ୍ଲା ସ୍ତରରୁ ସୁପାରିସ ହୋଇଥିବା ବିଟେକ୍ ଡିଗ୍ରୀଧାରୀ ଏସ୍‌ଆଇଙ୍କଠାରୁ ଆରମ୍ଭ କରି ଏଏସ୍‌ଆଇ ଓ କନ୍‌ଷ୍ଟେବଲ ପ୍ରମୁଖ ଭୁବନେଶ୍ୱରସ୍ଥିତ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଟିଟିଆଇ)ରେ ଏହି ପରୀକ୍ଷା ଦେଇଥିବା ସୂଚନା ମିଳିଛି । ପ୍ରାଥମିକ ପର୍ଯ୍ୟାୟରେ ଶହେ ଜଣ ପୁଲିସ୍ କର୍ମଚାରୀ ପରୀକ୍ଷା ଦେଇଛନ୍ତି । ଓଏମ୍‌ଆର ଭିତ୍ତିକ ୨୦୦ ନମ୍ବରର ପରୀକ୍ଷା ସାଇବର ଅପରାଧ ସଂକ୍ରାନ୍ତ ପ୍ରଶ୍ନକୁ ନେଇ ହୋଇଥିଲା । ପରୀକ୍ଷା ଦେଇଥିବା ପୁଲିସ୍ କର୍ମଚାରୀମାନଙ୍କ ମଧ୍ୟରୁ ଖୁବ୍ ଶୀଘ୍ର ଯୋଗ୍ୟତା ତାଲିକା ପ୍ରକାଶ ପାଇବ । ଯୋଗ୍ୟ ପୁଲିସ କର୍ମଚାରୀଙ୍କୁ ଜାତୀୟ ସ୍ତରରେ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ- ଅର୍ଡିନେସନ୍ ସେଣ୍ଟର ପକ୍ଷରୁ ସାଇବର ଅପରାଧ ତଦନ୍ତରେ ଦକ୍ଷତା ବୃଦ୍ଧି ଲାଗି ଟ୍ରେନିଂ ଦିଆଯିବ। ଆଇଆଇଟି ବିଶେଷଜ୍ଞ ସମେତ ସାଇବର ଜ୍ଞାନକୌଶଳ ସମ୍ପର୍କରେ ଜାତୀୟ ସ୍ତରରେ ଦକ୍ଷ ଅଧିକାରୀମାନଙ୍କଠାରୁ ସମ୍ପୃକ୍ତ ସାଇବର କମାଣ୍ଡୋମାନେ ତାଲିମ୍ ନେଇ ଫେରିବା ପରେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ। ସାଇବର ଅପରାଧୀଙ୍କୁ ଠାବ କରିବା ସହ ସେମାନଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ଼ କରିବାରେ ଟ୍ରେନିଂ ପ୍ରାପ୍ତ ସାଇବର କମାଣ୍ଡୋମାନେ ପ୍ରମୁଖ ଭୂମିକା ନେବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ସାଇବର କମାଣ୍ଡୋ ଭାବେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ କର୍ମଚାରୀମାନଙ୍କ ନାଁ ସୁପାରିସ କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଗତ ନଭେମ୍ବର ମାସରେ ଜିଲ୍ଲା ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିଲାଗି ଏସ୍‌ପିମାନେ ବିଟେକ୍ ଡିଗ୍ରୀଧାରୀ ପୁଲିସ୍ କର୍ମଚାରୀଙ୍କ ନାଁ ଚୟନ କରି କ୍ରାଇମବ୍ରାଞ୍ଚକୁ ପଠାଇଥିଲେ। ଜିଲ୍ଲା ସ୍ତରରେ ହୋଇଥିବା ଚୟନ ପ୍ରକ୍ରିୟାରେ କେତେକ ଅଫିସର ନିରାଶ ହୋଇଥିବା ଅଭିଯୋଗ ହୋଇଛି ।

## ଦେବଯୁଗ ପରିବାରର ଉଦ୍ଘାଟନୀ ସମାରୋହ

# ଏକ ସର୍ବ ବିକଶିତ ଦେଶ ଓ ରାଜ୍ୟ ର ପରିଚୟ ତା'ର ଯୁବବର୍ଗ ସାଧନ କରୁଥିବା ଦିଶାରୁ ହିଁ ଚିହ୍ନଟ ହୋଇଥାଏ

**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**

ଏଠାରେ ଆୟୋଜିତ ଏକ ବୈଠକରେ ଦେବଯୁଗ୍ ପରିବାର ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ନାୟକ ଏବଂ ତାଙ୍କ ସହଯୋଗୀ ପରାମର୍ଶଦାତା ଡ଼କ୍ଟର୍ ପୃଥ୍ୱୀରାଜ୍ ଆଚାର୍ଯ୍ୟ ଉପସ୍ଥିତ ଥିବା ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ। ଏହି ବୈଠକ ମାଧ୍ୟମରେ ସେମାନେ ବେରୋଜଗାରୀ ଯୁବଗୋଷ୍ଠୀ ଏବଂ ବ୍ୟବସାୟ ଆଶା ରଖିଥିବା ବ୍ୟକ୍ତିମାନଙ୍କୁ ଜଣେ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ପରାମର୍ଶ ଦେବା ସହିତ ମାର୍ଗଦର୍ଶନ ଦେଇଛନ୍ତି। ଆମ ସମାଜରେ ଅନେକ ବେରୋଜଗାରୀ ଏବଂ ବ୍ୟବସାୟିକ ଉଚ୍ଚାଭିଳାଷୀ ଯୁବ ବ୍ୟକ୍ତି ଅଛନ୍ତି । ଯେଉଁମାନେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ସଠିକ ପରିସର କିମ୍ବା ଉପଯୁକ୍ତ ମଞ୍ଚ (ପ୍ଲାଟଫର୍ମ) ପାଇପାରୁ ନାହାନ୍ତି, ଆମ ସମାଜର ଯୁବ ଗୋଷ୍ଠୀମାନଙ୍କ ପାଇଁ ନିଯୁକ୍ତି, ରୋଜଗାର ଏବଂ ସ୍ୱାବଲମ୍ବୀ ସୃଷ୍ଟି କରିବାର ଏକ ସହାୟତାପୂର୍ଣ୍ଣ ଦୂର ଦୃଷ୍ଟି ସହିତ, ଦେବଯୁଗ୍ ପରିବାର ଲିମିଟେଡ୍ ନାମରେ ଏକ ସଂଗଠନ ଗଠନ ପାଇଁ ଆମ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଦେବଯୁଗ୍ ଫାଉଣ୍ଡେସନ୍‌ର ଫାଉଣ୍ଡର୍ ଦେବବ୍ରତ ନାୟକଙ୍କ ନେତୃତ୍ୱରେ କିଛି





ବିକାଶଶୀଳ ଯୁବକଗଣ ଆଗେଇ ଆସିଛନ୍ତି। ଦେବଯୁଗ୍ ପରିବାର ଲିମିଟେଡ୍ ସଂଗଠନ କେବଳ ସାମାଜିକ ବିକାଶ ଏବଂ ଯୁବଗୋଷ୍ଠୀଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ଗଠିତ ହୋଇଅଛି। ଉକ୍ତ ସଂଗଠନ କେତେକ ନିର୍ଦ୍ଦିଷ୍ଟ ମୌଳିକ ନୀତି ନିୟମ ଏବଂ ନୈତିକ ମୂଲ୍ୟବୋଧ ଉପରେ ଆଧାରିତ ଯଥା ଉତ୍ସାହିତ ଯୁବକମାନଙ୍କ ଅଂଶ ଗ୍ରହଣ, ବ୍ୟବସାୟ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ସମସ୍ତଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ (ପ୍ଲାଟଫର୍ମ ) ଗଠନ କରିବା ଯେଉଁଠାରେ ସେମାନେ ସବିଶେଷ ତଥ୍ୟ ଆଲୋଚନା ସହିତ ସଂଗଠନରେ ଜଡିତ ହୋଇ ଉଦ୍ୟୋଗରେ ପ୍ରବେଶ କରିପାରିବେ ଏବଂ ରୋଜଗାରକ୍ଷମ ହୋଇପାରିବେ। ଜଡିତ ଥିବା ସମସ୍ତ ସଦସ୍ୟମାନଙ୍କୁ ଏକ ମୂଳ ସମିତି (କୋର୍ କମିଟି) ମାଧ୍ୟମରେ ସଠିକ ମାର୍ଗଦର୍ଶନ ଏବଂ ବ୍ୟବସାୟ ବା ଉଦ୍ୟୋଗରେ ସମାନ ମାଲିକାନାର ଅଧିକାର ମିଳିବ ଯାହାକି ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ହିଁ ଗଠନ କରାଯିବ। ଦେବଯୁଗ୍ ପରିବାର ଲିମିଟେଡ୍ ପରିଚାଳନା ବର୍ଗ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରେ ଯେ, ଯେଉଁ ବ୍ୟକ୍ତିଗଣ ସଂଗଠନ ସହିତ ଜଡିତ ହେବେ ସେମାନେ ସେମାନଙ୍କର ନିଜସ୍ୱ ମୂଳ ସମିତି (କୋର୍ କମିଟି) ଗଠନ କରିପାରିବେ ଏବଂ କାର୍ଯ୍ୟକଳାପ ପରିଚାଳନା କରିପାରିବେ ଯାହା ସେମାନଙ୍କ ପାଇଁ ରୋଜଗାର ଏବଂ କର୍ମ ନିଯୁକ୍ତିର ପରିସର ଗଠନ କରିବାରେ ଏବଂ ସମାଜକୁ ବିକଶିତ କରିବାରେ ସହାୟକ ହେବ। ଦେବଯୁଗ୍ ପରିବାର ସହିତ ଜଡିତ ହେବାକୁ ହେଲେ ସଦସ୍ୟ ମାନଙ୍କର ସମ୍ପୂର୍ଣ୍ଣ ପଞ୍ଜିକରଣ ଏବଂ ଯୋଗାଯୋଗ ପ୍ରକ୍ରିୟା ଦେବଯୁଗ୍ ପରିବାର ସଫ୍ଟୱେର୍ ଆପ୍ ଦ୍ୱାରା ପରିଚାଳିତ ହେବ ଯାହାକି ଶୁଭାରମ୍ଭ ହୋଇଅଛି। ଯୁବକମାନଙ୍କ ପାଇଁ ପ୍ରେରଣାର ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ମାନ ଜଣାଇ ତାଙ୍କର ଏହି ଜନ୍ମ ଦିବସରେ ସମଗ୍ର ଯୁବ ସମାଜକୁ ଉତ୍ସର୍ଗୀକୃତ କରିବା ସହିତ ଦେବଯୁଗ୍ ପରିବାର ତା'ର ପ୍ରତିଷ୍ଠା ଦିବସ ଭାବେ ଏହି ଦିନକୁ ପାଳନ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଅଛି।

# ଓଡ଼ିଶାର ବିକାଶ କ୍ଷେତ୍ରରେ ଟର୍ଣ୍ଣିଂ ପଏଣ୍ଟ ପ୍ରବାସୀ ଭାରତୀୟ ସମ୍ମିଳନୀ : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୧୨/୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ବିକାଶ କ୍ଷେତ୍ରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଟର୍ଣ୍ଣିଂ ପଏଣ୍ଟ ହେବାକୁ ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାକୁ ସୌଭାଗ୍ୟ ମିଳିଲା, ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଭାରତୀୟ ଓ ଓଡ଼ିଆ ମାନେ ଆସିଲେ । ଓଡ଼ିଶାର ଅର୍ଥନୀତିରେ ସେମାନଙ୍କର କ'ଣ ଭୂମିକା ହୋଇପାରିବ, ସେ ବାବଦରେ ସେମାନେ ବି ଜାଣିଲେ, ଓଡ଼ିଶା ସରକାର ମଧ୍ୟ ସୁଯୋଗ ପାଇଲେ ବୋଲି ସେ କହିଛନ୍ତି।


ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ନୂଆବର୍ଷ ସଂଖ୍ୟା-୨୦୨୫





ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦାନନ୍ଦ କର
**ସମକାଳର କଥା :** ସୁଷମା ପରିଜା, ବୀରେଶ୍ୱର ମହାନ୍ତି, ରଞ୍ଜନ ପ୍ରଧାନ, ପ୍ରଣିତାରାଣୀ ବେହେରା।
**ଅନ୍ୟ ଭାଷାର କଥା :** ଅନୁରୂପା ସିଂହ
**ଯୁବ ମାନସର କଥା :** ରଜତରଶ୍ମୀ ସ୍ୱାଇଁ, ଲିପ୍‌ସା ପଟେଲ, ସୁସ୍ମିତା ମିଶ୍ର, ଲଳିତ କୁମାର ସ୍ୱାଇଁ, ମୋନାଲିସା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ବାଇକକୁ ଧକ୍କା ଦେଲା ଭ୍ୟାନ : ଦମ୍ପତି ମୃତ

**ମୟୂରଭଞ୍ଜ, ୧୨/୧ ନ୍ୟୁଜ ବ୍ୟୁରୋ**

ବାଇକକୁ ଧକ୍କା ଦେଲା କୁକୁଡ଼ା ବୋଝେଇ ଭ୍ୟାନ୍। ଦୁର୍ଘଟଣା ନେଲା ଦମ୍ପତିଙ୍କ ଜୀବନ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ୫୩ନମ୍ବର ରାଜ୍ୟ ରାଜପଥର କେନ୍ଦୁଜୁମୁଣ୍ଡି ଜଙ୍ଗଲ ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମୃତକମାନେ ହେଲେ ଚିରୁପଦା ଗାଁର ମନୋଜ ପୂର୍ତ୍ତି ଓ ତାଙ୍କ ପତ୍ନୀ କୁନି ମୁଦୁୟା। ମନୋଜ ବାଇକରେ ପତ୍ନୀ କୁନିଙ୍କୁ ଧରି କରଞ୍ଜିଆ ଆସୁଥିବା ବେଳେ ଏକ କୁକୁଡ଼ା ବୋଝେଇ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନିଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ମନୋଜ ପୂର୍ତ୍ତିଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ସ୍ଥାନୀୟ ଲୋକେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କର ମୃତ୍ୟୁ ଘଟିଛି।

# ୧୪ ରାଜ୍ୟରେ ପୁରୁଷ ଭୋଟରଙ୍କଠାରୁ ଆଗରେ ମହିଳା

**ନୂଆଦିଲ୍ଲୀ, ୧୨।୧**

ପୁରୁଷ ମତଦାତାଙ୍କୁ ପଛରେ ପକାଇଲେ ମହିଳା। କଲେ ରେକର୍ଡ ସଂଖ୍ୟକ ମତଦାନ। ଦେଶର ୧୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପୁରୁଷଙ୍କଠାରୁ ଆଗରେ ମହିଳା ଭୋଟର। ତେବେ ଜାତୀୟ ସ୍ତରରେ ଏବେ ବି ମହିଳା ଭୋଟରଙ୍କ ତୁଳନାରେ ପୁରୁଷ ଅଛନ୍ତି ଆଗରେ। ଏ ସମ୍ପର୍କରେ ୧ ଜାନୁଆରୀ ୨୦୨୫ରେ ପ୍ରକାଶିତ ଅନ୍ତିମ ମତଦାତା ସୂଚୀରୁ ମିଳିଛି ତଥ୍ୟ। ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ବଢ଼ୁଛି ମହିଳାଙ୍କ ଯୋଗଦାନ। ପୁରୁଷ ଭୋଟରଙ୍କୁ ପକାଇଛନ୍ତି ପଛରେ। ୧୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରେକର୍ଡ ସଂଖ୍ୟକ ମହିଳା ଦେଇଛନ୍ତି ଭୋଟ୍। ୧ ଜାନୁଆରୀ ୨୦୨୫ରେ ପ୍ରକାଶିତ ଅନ୍ତିମ ମତଦାତା ସୂଚୀରୁ ଏହି ତଥ୍ୟ ମିଳିଛି। ଗତ ବର୍ଷ ୧ ଜାନୁଆରୀ ୨୦୨୪ରେ ଯେତେବେଳେ ସୂଚୀ ଅପଡେଟ୍ କରାଯାଇଥିଲା, ସେତେବେଳେ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ଅଧିକ ଥିଲା। ତେବେ ରାଷ୍ଟ୍ରୀୟ ସ୍ତରରେ ଏବେ ବି ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କ ଠାରୁ ୨.୩୩ କୋଟି କମ୍। ଭାରତରେ ମୋଟ୍ ୯୯ କୋଟିରୁ ଅଧିକ ମତଦାତାଙ୍କ ଭିତରେ ୫୦.୭ କୋଟି ପୁରୁଷ ଓ ୪୮.୩ କୋଟି ରହିଛନ୍ତି ମହିଳା। ତୃତୀୟ ଲିଙ୍ଗ ମତଦାତାଙ୍କ ସଂଖ୍ୟା ୪୮,୮୭୦ ରହିଛି। ସେଥିରେ ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ କର୍ଣ୍ଣାଟକ ଶୀର୍ଷରେ ରହିଛି। ଚଳିତ ବର୍ଷ ଏହି ଲିଷ୍ଟରେ ଆସାମ, କର୍ଣ୍ଣାଟକ ଓ ନାଗାଲାଣ୍ଡ ସ୍ଥାନ ପାଇଛି। ଏହି ନୂତନ ତିନୋଟି ରାଜ୍ୟରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ।



ତେବେ ଚଣ୍ଡୀଗଡରେ ସ୍ଥିତି ଓଲଟା ରହିଛି। ସେଠାରେ ମହିଳାଙ୍କ ତୁଳନାରେ ପୁରୁଷ ମତଦାତାଙ୍କ ସଂଖ୍ୟା ଅଧିକ। ଚଣ୍ଡୀଗଡ ଓ ନାଗାଲାଣ୍ଡରେ ସୂଚୀ ଅସ୍ଥାୟୀ ରହିଛି। କାରଣ କିଛି ଦିନ ପରେ ଏଥିରେ ପରିବର୍ତ୍ତନ ହେବାକୁ ଯାଉଛି। ଚଳିତ ବର୍ଷ ୧୪ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ରହିଛି ଆନ୍ଧ୍ର, ଅରୁଣାଚଳ, ଆସାମ, ଚଣ୍ଡୀଗଡ, ଛତିଶଗଡ଼, କର୍ଣ୍ଣାଟକ, କେରଳ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ତାମିଲନାଡୁ ଓ ତେଲେଙ୍ଗାନା। ସେଭଳି ଲିଙ୍ଗଗତ ଅନୁପାତରେ ମଧ୍ୟ ସୁଧାର ହୋଇଛି। ଦେଶର ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୨ଟିରେ ଜାତୀୟ ହାରାହାରି ଲିଙ୍ଗ ଅନୁପାତ ୯୫୪ରୁ ଅଧିକ ରେକର୍ଡ କରାଯାଇଛି। ୧୪ ରାଜ୍ୟରେ ଏହି ଅନୁପାତ ମହିଳାଙ୍କ ପକ୍ଷରେ ରହିଛି। ତେବେ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ହରିୟାଣା ଭଳି ରାଜ୍ୟରେ ଲିଙ୍ଗ ଅନୁପାତ ହ୍ରାସ ପାଇଛି। ୨୦୨୫ ମତଦାତା ସୂଚୀ ଅନୁସାରେ, ପୁଡୁଚେରୀରେ ମହିଳାମାନେ ସର୍ବାଧିକ ୫୩.୨%, ଭୋଟ୍ ଦେଇଛନ୍ତି। କେରଳ ଓ ମଣିପୁରରେ ୫୧,୭%, ମିଜୋରାମରେ ୫୧.୫% ଓ ଆନ୍ଧ୍ର, ଅରୁଣାଚଳ ଓ ତାମିଲନାଡୁରେ ପ୍ରାୟ ୫୧% ଭୋଟିଂ କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ମହିଳାମାନେ ୬୫.୮% ଓ ପୁରୁଷମାନେ ୬୫.୬% ଦେଇଛନ୍ତି ମତଦାନ। ଏହି ସଂଖ୍ୟା ରାଜନୀତିରେ ମହିଳାଙ୍କ ଭାଗିଦାରୀ ବଢ଼ୁଥିବା ନେଇ ଏକ ସକାରାତ୍ମକ ସଙ୍କେତ।